## ହୃଦ୍‌ରୋଗରେ ପୀଡ଼ିତ ପରିବାରକୁ ଆର୍ଥିକ ସହାୟତା

**କେନ୍ଦ୍ରାପଡା,୧୯।୬(ସମିସ):** କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ. ୧୩ର ରାସିଦା ବିବିଙ୍କ ୨ ବର୍ଷର କନ୍ୟା ହୃଦରୋଗରେ ପୀଡିତ। ଏସମ୍ପର୍କରେ ଖବର ପାଇବା ପରେ ସହଯୋଗର ହାତ ବଢାଇଛି ରାଜାଏ ମୁସ୍ତାଫା ମହଲ୍ଲା କମିଟି। କମିଟି ପକ୍ଷରୁ ତାଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସହାୟତା ପ୍ରଦାନ ସମୟରେ କମିଟି ସଭାପତି ତାଜୁଦ୍ଦିନ ଖାନ୍, ସମ୍ପାଦକ ତଥା ୧୩ ନଂ. ୱାର୍ଡ କାଉନସିଲର ସେକ ଅସଲମ, ଉପସଭାପତି ସେକ ଲିଆକତ ଅଲ୍ଲୀ, ସହ ସମ୍ପାଦକ ସେକ ଅନିସୁଦ୍ଦିନ, କୋଷାଧ୍ୟକ୍ଷ ସେକ ବରକତୁଲ୍ଲା, କମିଟି ସଦସ୍ୟ ସେକ୍ ଫିରୋଜ ଓ ସେକ ସଲିମ ପ୍ରମୁଖ ଉପସ୍ଥିତ ଥିଲେ।

## ଅଟୋରୁ ବ୍ୟାଟେରୀ ଚୋରି; ଦୁଇ ଗିରଫ

**ରାଜକନିକା,୧୯।୬(ସମିସ):** ରାଜକନିକା ଥାନାଞ୍ଚଳରେ ଦୀର୍ଘବର୍ଷ ଧରି ଚୋରି ଓ ବିଭିନ୍ନ ଅପରାଧ କରୁଥିବା ଦୁଇ ଅପରାଧୀଙ୍କୁ ପୁଲିସ ଗିରଫ କରିଛି। ଏମାନେ ହେଲେ ଆୟତନ ଗାଁର ରାଜକିଶୋର ଧଳ ଓ ଗିରିଆ କୋଠସାହି ଗାଁର ଆଶିଷ ମଳିକ। ଏମାନେ ପୋରଳ ଗାଁର ରମାକାନ୍ତ ପଲାଇଙ୍କ ଅଟୋରୁ ବ୍ୟାଟେରୀ ଚୋରି କରିଥିବାବେଳେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆଦର୍ଶ ଶିକ୍ଷକ ସୁବାସ ପଣ୍ଡାଙ୍କ ପରଲୋକ



**କେନ୍ଦ୍ରାପଡା,୧୯।୬(ସମିସ):** କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଗହଗା ନରସିଂହପୁର ଗ୍ରାମର ଆଦର୍ଶ ଶିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡାଙ୍କ ପରଲୋକ ଘଟିଛି। ସ୍ୱର୍ଗତ ପଣ୍ଡା ସଠିଲୋ ସ୍ଥିତ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ , ଆରିପଦା ଉଚ୍ଚ ବିଦ୍ୟାଳୟ, ଧନିଆପବା ଉଚ୍ଚ ବିଦ୍ୟାଳୟ, ଦେପୁର ଉଚ୍ଚ ବିଦ୍ୟାଳୟ ପ୍ରଭୃତି ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକ ଭାବରେ ବେଶ ସୁନାମ ଅର୍ଜନ କରିଥିଲେ। ୨୦୦୬ ମସିହାରେ ବନମାଳି ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗଦେଇ ୨୦୦୯ ମସିହାରେ ସେଠାରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ମଧ୍ୟ ସେ ଶିକ୍ଷାଦାନ ଛାଡି ନଥିବା ବେଳେ ମାଗଣାରେ ପିଲାମାନଙ୍କୁ ଶିକ୍ଷାଦାନ କରୁଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ରାଜ୍ୟପାଳ ପୁରସ୍କାର ପାଇଥିଲେ। ଶିକ୍ଷକତା ସହ ଜଣେ କବି, ଲେଖକ ଓ ପ୍ରବଚକ ଭାବେ ସେ ଓଡିଶାର ପୁରପଲ୍ଲୀରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ।

## ଭଗବତୀଙ୍କ ପୀଠରେ ଭାଗବତ ପାରାୟଣ



**ଡେରାବିଶ,୧୯।୬(ସମିସ):** ଡେରାବିଶ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରମ ସ୍ଥିତ ଭଗବତୀଙ୍କ ପୀଠରେ ଗତ ୭ ଦିନ ହେବ ଅନୁଷ୍ଠିତ ହୋଇ ଆସୁଥିବା ଭାଗବତ ପାରାୟଣ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗ ତଥା ଲମ୍ବୋଦର ପଣ୍ଡା, ଦାସରଥି ଦାସ, ନରୋତ୍ତମ ଦାସ, ଶ୍ୟାମସୁନ୍ଦର ପଣ୍ଡା, କରୁଣାକର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଭାଗବତ ପାରାୟଣ କାର୍ଯ୍ୟକ୍ରମରେ ଭାଗବତ କଥାମୃତ ଶ୍ରବଣ ନିମନ୍ତେ ମନ୍ଦିର ପରିସରରେ ପ୍ରତ୍ୟେହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଏଥିସହିତ ପ୍ରତ୍ୟେହ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ପୁରୋହିତ ଅମ୍ବିକା ପ୍ରସାଦ ତ୍ରିପାଠୀ ସମସ୍ତ ଗ୍ରାମବୀଙ୍କ ମଙ୍ଗଳକାନା କରିଥିଲେ।

### ସମସ୍ୟା ଘେରରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଆମ୍ବୁଲାନ୍ସ ଅଚଳ; ରୋଗୀ ହନ୍ତସନ୍ତ



**ଜିଲ୍ଲାପାଳ ଓ ସିଡିଏମ୍‌ଓଙ୍କୁ ଦାବିପତ୍ର**

**କେନ୍ଦ୍ରାପଡ଼ା,୧୯।୬(ସମିସ):** କେନ୍ଦ୍ରପଡା ବ୍ଲକ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ସୂଚନା ମୁତବକ ଅଭିଭକ୍ତ କଟକ ଜିଲ୍ଲାର ପ୍ରଥମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଏହା ଆରମ୍ଭ ହୋଇଥିଲା। ପରେ ଏହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିଲା। ଏହା ଅଧୀନରେ ବର୍ତ୍ତମାନ ୫ଟି ସ୍ୱାସ୍ଥ୍ୟକେନ୍ଦ୍ର ଓ ୨୫ଟି ସବ୍‌ସେଣ୍ଟର ପରିଚାଳିତ ହେଉଛି। କେନ୍ଦ୍ରାପଡା ବ୍ଲକ ଓ ପଡୋଶୀ ଯାଜପୁର ଜିଲ୍ଲାର ହଜାର ହଜାର ରୋଗୀ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି। କିନ୍ତୁ ପ୍ରଶାସନିକ ଅବହେଳା ଓ ଦାୟିତ୍ୱହୀନତା ପାଇଁ ଏଠାରେ ସମସ୍ୟା ଧରାବନ୍ଧା ପାଲଟିଛି। କେତେବେଳେ ଡାକ୍ତର ଅଭାବ ଆଉ କେତେବେଳେ ଅଜଣା କାରଣରୁ ଅଗ୍ନିକାଣ୍ଡ। ଅଗ୍ନିକାଣ୍ଡକୁ ୬ ମାସ ନପୁରୁଣୁ , ଏପଟେ ଆଉ ଏକ ବଡ ସମସ୍ୟା ମୁଣ୍ଡ ଟେକିଛି। ଦୀର୍ଘଦିନର ସ୍ଥାନୀୟ ବାସିନ୍ଦାଙ୍କ ଦାବି ପରେ ବିଧାୟକଙ୍କ ପାଣ୍ଠିରୁ ଏକ ଆମ୍ବୁଲାନ୍ସ ମେଡିକାଲକୁ ଯୋଗାଇ ଦିଆଯାଇଛି କିନ୍ତୁ ଏଯାବତ ଏହା ରୋଗୀଙ୍କ ସେବାରେ ଲାଗି ପାରୁନି। କେବଳ ମେଡିକାଲ ପରିସର ଭିତରେ ଆମ୍ବୁଲାନ୍ସଟି ପଡିରହି ଖରାବର୍ଷା ଖାଉଛି। ଗୁରୁତର ରୋଗୀ ମଧ୍ୟ ସଠିକ ସମୟରେ ଜିଲ୍ଲା ମେଡିକାଲ କିମ୍ବା କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ ହେବାପାଇଁ ଅନେକ ସମସ୍ୟା ଭୋଗୁଛନ୍ତି। ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଜୀବନହାନି ଘଟିବାର ନଜିର ମଧ୍ୟ ରହିଛି। ଉକ୍ତ ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦା ଆଜି କେନ୍ଦ୍ରାପଡା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ସିଡିଏମ୍‌ଓ ଅନିତା ପଟ୍ଟନାୟକଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଚନ୍ଦନ କୁମାର ସାହୁ, ମନୋଜ ମହତାବ, ଆଲୋକ ରାଉତ, ନିହାର ରଞ୍ଜନ ସାହୁ, ନିର୍ମଳ ମଲିକ, ମଞ୍ଜୁଲତା ସାହୁ, ଗୋଲଖ ସାହୁ ଲିଖିତ ଅଭିଯୋଗ କରି ତୁରନ୍ତ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି।

# ମାଟ୍ରିକ୍ ଟପ୍ପର ଅନନ୍ୟାଙ୍କୁ 'ନର୍ମଦା ସ୍ମୃତି ସମ୍ମାନ'





**ଗରଦପୁର,୧୯।୬(ସମିସ):** ନର୍ମଦା ସେନାପତି ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ ହେଲେ ମାଟ୍ରିକ ଜିଲ୍ଲା ଟପ୍ପର ଅନନ୍ୟା ବାରିକ। କେବଳ ଜିଲ୍ଲା ଟପ୍ପର ନୁହଁନ୍ତି ବରଂ ଗରଦପୁର ବ୍ଲକରେ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୦ ଜଣ ଏବଂ ଓଡିଆ ଭାଷାରେ ମାଟ୍ରିକରେ ସର୍ବାଧିକ ନମ୍ବର ରଖିଥିବା ଜଣେ ଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଗରଦପୁର ବ୍ଲକ

■ **ସମ୍ମାନିତ ହେଲେ ବ୍ଲକର ଟପ୍-୧୦ରେ ଥିବା ଛାତ୍ରଛାତ୍ରୀ**

ତଳକୁସୁମା ପଞ୍ଚାୟତର ବଙ୍ଗାରୀ ସ୍ଥିତ ପର୍ଯ୍ୟଟନସ୍ଥଳୀ ଅନ୍ଧବର ପୀଠରେ ଏହି ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଶ୍ରୀବଳଦେବଜୀଉ ଓଡିଆ ଭାଷା ସାହିତ୍ୟ ମଞ୍ଚ, ଶ୍ରୀ ଶ୍ରୀ ଅନ୍ଧବର ସାଂସ୍କୃତିକ ପରିଷଦ ଓ ସ୍ୱର୍ଣ୍ଣମୟୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ ମାଟ୍ରିକ ଟପ୍ପର ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସଭାରେ ଶିକ୍ଷାବିତ୍ ଡ. ଲିଙ୍ଗରାଜ ଶତପଥୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ କବି ରବୀନ୍ଦ୍ରନାଥ ସ୍ୱାଇଁ ଟପ୍ପରମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ବିଶିଷ୍ଟ ଅତିଥି ଭାବେ ଗରଦପୁର ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ନୋଡାଲ ପ୍ରଧାନଶିକ୍ଷକ ମଳୟ କୁମାର ପାଣି ଯୋଗଦେଇ ଏହି ଉତ୍ସବର ଉନ୍ନତି କାମନା କରିବା ସହିତ ଆୟୋଜନ କରୁଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଶଂସା କରିଥିଲେ। ମଞ୍ଚ ସଭାପତି ପରିବେଶବିତ୍ ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରିୟମ୍ବଦା ନାୟକ ବିବରଣୀ ପାଠ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ମାଟ୍ରିକ ଟପ୍ପର ଅନନ୍ୟା ବାରିକଙ୍କୁ ନର୍ମଦା ସେନାପତି ସ୍ମୃତି ସମ୍ମାନ ଓ ମାଟ୍ରିକ ପରୀକ୍ଷାରେ ବ୍ଲକର ଶ୍ରେଷ୍ଠ ୧୦ଜଣ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ସାଧକ କବି ଶୁଭ୍ରାଂଶୁ କୁମାର ଦାସଙ୍କୁ ବଳଦେବଜୀଉ ଭାଷା ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଲୋକନାଥ ମହାବିଦ୍ୟାଳୟର ଓଡିଆ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ. ବିଚିତ୍ରା ମଞ୍ଜରୀ ତ୍ରିପାଠୀ, କବୟିତ୍ରୀ ଆରତୀ ତ୍ରିପାଠୀ, ଅଧ୍ୟାପିକା ବିଷ୍ଣୁପ୍ରିୟା ପତି, କୃଷକ କବି ପ୍ରଭାତ କୁମାର ପରିଡ଼ାଙ୍କ ସମେତ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଗୋଲକ ବିହାରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନନ୍ୟା ବାରିକ ଜିଲ୍ଲା ଟପ୍ପରଙ୍କ ସହିତ ଗରଦପୁର ବ୍ଲକର ଟପ ଟେନ୍ ରାଜେଶ କୁମାର ନାୟକ, ଲିପ୍ସା ପ୍ରିୟଦର୍ଶିନୀ ସାହୁ, ହରପ୍ରିୟା ବେହେରା, ଆଶିଷ ସାହୁ, ଗାର୍ଗୀ ମହାନ୍ତି, ଅଙ୍କିତା ମେକାପ, ସୌଭାଗ୍ୟ ମହାପାତ୍ର, ଦେବଦତ୍ତ ପ୍ରଧାନ, ସ୍ନେହସୁମନ କର, ଅଙ୍କିତା ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିଲେ। କାର୍ଯ୍ୟକ୍ରମରେ ପ୍ରହଲ୍ଲାଦ ସାହୁ, ଜ୍ୟୋତିଷ ଦାସ, ଶିକ୍ଷାବିତ ଅଜିତ କୁମାର ପଣ୍ଡା, ପର୍ଶୁରାମ ମଲ୍ଲିକ ସହଯୋଗ କରିଥିବାବେଳେ ମଞ୍ଚର ସଂପାଦକ ଦୁର୍ଯୋଧନ ମହାନ୍ତି କାର୍ଯକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ସୁକାନ୍ତ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

■ **ପୁଲିସ ନିଷ୍କ୍ରିୟତା ବିରୋଧରେ ପ୍ରତିବାଦ**

# ବ୍ଲକ୍ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ଜାରି



**ରାଜକନିକା,୧୯।୬(ସମିସ):** ପୁଲିସ ଥାନାଠାରୁ ୨୦୦ ମିଟର ଦୂରରେ ସରକାରୀ ଅଧିକାରୀଙ୍କ ସରକାରୀ ବାସଭବନରୁ ୬ ମାସ ଭିତରେ ୪ ଥର ଚୋରି। ବାରମ୍ବାର ଏ ବାବଦରେ ରାଜକନିକା ପୁଲିସକୁ ଲିଖିତ ଆକାରରେ ଏତଲା ଦେଇ କର୍ମଚାରୀ ସଙ୍ଘ ପକ୍ଷରୁ ଆଗୁଆ ଚେତାବନୀ ଦେବା ପରେ ବି ପୁଲିସ ଚୁପ। ଯେଉଁଠି ସରକାରୀ ଅଧିକାରୀ ସୁରକ୍ଷିତ ନୁହଁନ୍ତି ସେଠାରେ ସାଧାରଣ ଲୋକଙ୍କ କଥା କଣ ହେଉଥିବ ତାହା ସହଜେ ଅନୁମେୟ। ବର୍ତ୍ତମାନ ରାଜକନିକା ଥାନାଞ୍ଚଳରେ ଦୈନିକ ବହୁବିଧ ଅପରାଧ ବଢ଼ି ଚାଲୁଥିବା ବେଳେ ପୁଲିସ ବେପରୁଆ। ଏନେଇ ସାଧାରଣ ଜନତା ଚୁପ ଥିବାବେଳେ ଆଜି ପୁଲିସ ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇଛି ବ୍ଲକ କର୍ମଚାରୀ ସଂଘ। ଗତ ୧୫ ତାରିଖରେ ବିଡ଼ିଓଙ୍କ ସରକାରୀ ବାସଭବନରୁ ବାରମ୍ବାର ଚୋରି ସମ୍ପର୍କରେ ଲିଖିତ ଏତଲା ଦେଇ ଚୋରି ଘଟଣାର ପର୍ଦ୍ଦାଫାଶ କରିବାକୁ ଚେତାବନୀ ଦେଇଥିଲେ। ମାତ୍ର ପୁଲିସ ବେଫିକର ଥିବାରୁ ବାଧ ହୋଇ ଆଜି ବ୍ଲକ କର୍ମଚାରୀ ସଂଘ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ଏହି ଆନ୍ଦୋଳନକୁ ସାଧାରଣରେ ସମର୍ଥନ ମଧ୍ୟ ମିଳିଛି। ପୁଲିସର ଅପାରଗତାରୁ ରାଜକନିକା ଥାନାଞ୍ଚଳରେ ଦିନ ଦ୍ୱିପ୍ରହରେ ଗଳାକାଟି ହତ୍ୟା ଭଳି ଜଘନ୍ୟ କାଣ୍ଡକୁ ବର୍ଷେ ପୂରିବାକୁ ଯାଉଥିବା ବେଳେ ପୁଲିସ ନୀରବ ରହିଛି। ତେବେ ବିଡ଼ିଓଙ୍କ ବ୍ଲକରେ ଜଣେ ଉଚ୍ଚପଦସ୍ଥ ଅଧିକାରୀ ଯଦି ନିଜ ସରକାରୀ ବାସଭବନରେ ସୁରକ୍ଷିତ ନୁହଁନ୍ତି ତେବେ ରାଜକନିକା ପୁଲିସ କଣ ପାଇଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କଲମଛାଡ଼ରେ ବସିଥିବା କର୍ମଚାରୀଙ୍କୁ ସମର୍ଥନ ଦେଇ ବହୁ ସରପଞ୍ଚ ସମିତିସଭ୍ୟ ଓ ସାଧାରଣଲୋକେ ସାମିଲ ହେବା ପରେ ବି ଆଜି କୌଣସି ସମାଧାନର ସୂତ୍ର ବାହାରି ନାହିଁ। ଜିଲ୍ଲା ପ୍ରଶାସନ ଓ ଏସ୍‌ପିଙ୍କ ନଜରରେ ଥିବା ଏଭଳି ସରକାରୀ କର୍ମଚାରୀଙ୍କ ଆନ୍ଦୋଳନ ଯଦି ଦିନକୁ ଦିନ ଗଡି ଚାଲେ ତେବେ ଏଠାରେ ପ୍ରଶାସନ ମଧ୍ୟ ବେଶ ବେଫିକର ବୋଲି ସାଧାରଣରେ ଆଲୋଚନା ହେଉଛି। ବ୍ଲକ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ସମସ୍ତ ସରକାରୀ କାମ ବନ୍ଦ ରହିଥିବା ବେଳେ ଚୋର ଧରା ନ ପଡିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ମିଳିଛି।

### ଡହଳବିକଳ ପରକୁଳବାସୀ

# ଚିତ୍ରୋତ୍ପଳା କୂଳରେ ଥାଇ ବି ମେଣ୍ଟୁନି ଶୋଷ

**କେନ୍ଦ୍ରାପଡା,୧୯।୬(ସମିସ):** ଘରେ ଘରେ ବିଶୁଦ୍ଧ ପିଇବା ପାଣି ପହଞ୍ଚାଇବା ପାଇଁ ବ୍ୟାପକ ପଦେକ୍ଷପ ଗ୍ରହଣ କରାଯାଇଛି। ଏଥିପାଇଁ ସରକାରୀ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ପମ୍ପ ଡ୍ରାଇଭରଙ୍କ ମନମାନି ଓ ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଲୋକେ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ପମ୍ପଚାଳକ ନିଜ ମର୍ଜିରେ ପାଣି ଯୋଗାଣ କରୁଛନ୍ତି। ମନ ହେଲେ ଦେଉଛନ୍ତି, ନହେଲେ ନାହିଁ। ଫଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ବି ପାଣି ମୁନ୍ଦେ ପାଇବାକୁ ଲୋକେ ଡହଳ ବିକଳ ହେଉଛନ୍ତି। କେତତେବେଳେ ସକାଳେ ତ ପୁଣି କେତେବେଳେ ଦିନ ୧୨ଟାରେ ପାଣି ମିଳୁଛି। ଯାହା ବି ପାଣି ଆସୁଛି ନଆସିବା ଭଳି। ବାଲ୍‌ଟିଏ ପାଣି ପୂର୍ଣ୍ଣ ହେବାକୁ ଦୁଇ ଘଣ୍ଟା ସମୟ ଲାଗିଯାଉଛି। ଗାଁର ତଳମୁଣ୍ଡରେ ଆଦୌ ପାଣି ପହଞ୍ଚୁନାହିଁ। ଚିତ୍ରୋତ୍ପଳା ନଈକୂଳରେ ରହି ମଧ୍ୟ ଶୋଷ ମେଣ୍ଟୁ ନାହିଁ ପରକୁଳା ଗ୍ରାମବାସୀଙ୍କର।

କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଅଧୀନ ପରକୁଳା ପଞ୍ଚାୟତବାସୀ ବାରମ୍ବାର ଏକଥା ଜଣାଇଲେ ସୁଦ୍ଧା କୌଣସି ସୁଫଳ ନମିଳିବାରୁ ଗ୍ରାମବାସୀମାନେ ଏନେଇ କେନ୍ଦ୍ରାପଡା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ(ଆର୍‌ଡବ୍ଲୁଏସ୍‌ଏସ୍) ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କରି ତ୍ୱରିତ ପ୍ରତିକାର ପାଇଁ ନିବେଦନ କରିଛନ୍ତି। ଏଥିସହ ଏ ଦିଗରେ କାର୍ଯ୍ୟାନୁଷ୍ଠାନ କରିବାକୁ ମହାକାଳପଡା ବିଧାୟକ, କେନ୍ଦ୍ରାପଡା ଜିଲ୍ଲାପାଳ ଓ ମାର୍ଶାଘାଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ପରକୁଳା ପଞ୍ଚାୟତର ୨ଟି ପୃଥକ୍ ସ୍ଥାନ ପରକୁଳା ଓ ନାରାୟଣପୁରରେ ବୋରିଂ ପଏଣ୍ଟ ନିର୍ମାଣ କରାଯାଇ ୧୮ ଟି ୱାର୍ଡକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଣର ବନ୍ଦୋବସ୍ତ କରାଯାଇଛି। ପରକୁଳାରେ ଥିବା ବୋରିଂ ପଏଣ୍ଟରୁ ପରକୁଳା, ପିକରାଳି ଓ ନାରାୟଣପୁରରେ ଥିବା ବୋରିଂ ପଏଣ୍ଟରୁ ନାରାୟଣପୁର ଓ ଆଙ୍କୋକୁ ପାଣି ଯୋଗାଉଛି। ତେବେ ପରକୁଳା ଗ୍ରାମର କିଛି ୱାର୍ଡକୁ ପାଣି ଯୋଗାଣ ସମ୍ଭବପର ହୋଇପାରୁ ନାହିଁ। ନାରାୟଣପୁରରେ ଓଭରହେଡ ଟାଙ୍କି ଥିବାବେଳେ ପରକୁଳାରେ ଅଦ୍ୟାବଧି ଟାଙ୍କି ନିର୍ମାଣ ହୋଇପାରିନାହିଁ। ପରକୁଳା ରାଜସ୍ୱ ଗ୍ରାମରେ ପ୍ରାୟ ୩ ହଜାର ଲୋକ ବସବାସ କରୁଥିବାବେଳେ ଏଠାରେ ପାନୀୟ ଜଳର ଅନ୍ୟ କୌଣସି ବିକଳ୍ପ ନଥିବାରୁ ଲୋକେ ଦହଗଞ୍ଜ ହେଉଛନ୍ତି। ଗାଁରେ ଥିବା ନଳକୂଅର ପାଣି ପାନୀୟ ଉପଯୋଗୀ ନୁହେଁ। ଗାଁ ଲୋକେ ପାଇପ ପାଣି ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବେଳେ ପମ୍ପ ଚାଳକ ମନଇଚ୍ଛା ଜଳ ଯୋଗାଣ ଗ୍ରାମବାସୀଙ୍କୁ ଅତିଷ୍ଠ କଲାଣି। ଏହାଛଡା ଅନେକ ସ୍ଥାନରେ ପାଣିର ଅପବ୍ୟବହାର କରାଯାଉଥିବା ବେଳେ କେତେକ ଲୋକ ବେଆଇନ ସଂଯୋଗ ନେଇଥିବା ହେତୁ ଗାଁର ତଳମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। ସବୁ ୱାର୍ଡରେ ଦୁଇ ବେଳା ଘଣ୍ଟାଏ ଲେଖାଏଁ ପାଣି ଯୋଗାଣ ସୁଦ୍ଧା କରାଯାଉ ନାହିଁ। ସମ୍ପୃକ୍ତ ପମ୍ପ ଚାଳକଙ୍କୁ ବଦଳି କରି ନୂଆ ପମ୍ପ ଚାଳକଙ୍କୁ ନିଯୁକ୍ତି ପାଇଁ ବିଭାଗ ନିକଟରେ ଦାବି କରିଛନ୍ତି ଗ୍ରାମବାସୀ। ଏସବୁ ସମସ୍ୟା ବାବଦରେ ସରପଞ୍ଚ ଦୀପ୍ତି ରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି କି, ଏବେ ପଞ୍ଚାୟତରେ ୨ଟି ବୋରିଂ ପଏଣ୍ଟ କାର୍ଯ୍ୟକ୍ଷମ ଅଛି। ପରକୁଳା ଓ ପିକରାଳିରେ ଆଉ ଦୁଇଟି ବୋରିଂ ପଏଣ୍ଟ ଓ ଏକ ଓଭରହେଡ ଟାଙ୍କି ନିର୍ମାଣ ଚାଲିଛି। ୨ରୁ ୩ ମାସ ମଧ୍ୟରେ କାମ ସରିଯିବ ଓ ସମସ୍ୟା ଆଉ ରହିବନାହିଁ। ପମ୍ପ ଡ୍ରାଇଭରଙ୍କ ମନମାନି ସମ୍ପର୍କରେ ସେ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି। ଏ ନେଇ ଆର୍‌ଡବ୍ଲୁଏସ୍‌ଏସ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ସମ୍ପର୍କରେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ସେ କଥାହୋଇ ଗ୍ରାମବାସୀଙ୍କ ସମସ୍ୟାର ତ୍ୱରିତ ସମାଧାନ କରାଯିବ।

## ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ଏକ୍ସ କାଡର୍ ଶିକ୍ଷକ ମହାସଂଘ ସଦସ୍ୟ



**କେନ୍ଦ୍ରାପଡା,୧୯।୬(ସମିସ):** ମଙ୍ଗଳବାର ଦିନ ଆମ କେନ୍ଦ୍ରାପଡା ଜିଲ୍ଲା ଏକ୍ସ କାଡର୍ ଶିକ୍ଷକ ମହାସଂଘ ତରଫରୁ ଆମ ରାଜ୍ୟର ନୂତନ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ମହାକାଳପଡା ନିର୍ବାଚନ ମଣ୍ଡଳୀର ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କୁ ଯୁବ ସଭାପତି ଆଲୋକ ସତ୍ୟବ୍ରତ ଦେବବ୍ରତ ରାୟ, କର୍ଯ୍ୟକାରୀ ସଭାପତି ଅମରେନ୍ଦ୍ର ମହାନ୍ତି, ସମ୍ପାଦକ କୈଳାଶ ଚନ୍ଦ୍ର ରାଉତ, ଗଣମାଧ୍ୟମ ସଂଯୋଜକ ଶ୍ରୀଚନ୍ଦନ ଓଝା, ସୁଶାନ୍ତ ଦାସ, ଚିତ୍ତରଞ୍ଜନ ଲାହା, ରାମ ସିଂ, ମନୋରଞ୍ଜନ ବେହେରା, କ୍ଷୀରୋଦ ସେଠୀ ଏବଂ ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସ୍ୱାଇଁ ପ୍ରମୁଖ ଭେଟି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ଆମ ଶିକ୍ଷକମାନଙ୍କର ସମସ୍ୟା ଗୁଡିକ ଉପରେ ଆଲୋକପାତ କରି ଆଶୁ ସମାଧାନ ନିମନ୍ତେ ବିହୀତ ପଦକ୍ଷେପ ଗ୍ରହଣ କରିବାପାଇଁ ଜଣାଇଥିଲେ।

## ସୁଧୁରିନି ପାଣିପାଗ, ସ୍କୁଲ ଖୋଲିଦେଇ ପ୍ରଶାସନ ଚୁପ୍

# ଗୁଳୁଗୁଳିରେ ଶଢୁଛନ୍ତି କୋମଳମତି ଛାତ୍ରଛାତ୍ରୀ

ତାଳଚେର ସଦର, ୧୯ ।୬(ସମିସ)



ଏବେ ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ସହିତ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ବ୍ୟତିବ୍ୟସ୍ତ କରିପକାଉଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲାର ଜିଲ୍ଲାପାଳ ସମସ୍ତ ବିଦ୍ୟାଳୟରେ ସକାଳ ୬. ୩୦ରୁ ୧୦.୩୦ ମିନିଟ୍ ପାଠପଢ଼ା ଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ସକାଳ ୮ରୁ ସାଂଘାତିକ ଖରା ଓ ଗୁଳୁଗୁଳି

**● ଛୁଟି ବଢ଼ାଇବାକୁ ଅଭିଭାବକଙ୍କ ଦାବି**

ଆରମ୍ଭ ହେଇଯାଉଛି। ପିଲାମାନେ ସ୍କୁଲ ଯିବାକୁ ଅମଙ୍ଗ ହେବା ସହ ଗରମରୁ କିପରି ରକ୍ଷା ମିଳିବ, ତାକୁନେଇ ଅଭିଭାବକମାନେ ସନ୍ଧିହାନ ହୋଇପଡ଼ିଛନ୍ତି। ଖରା ଛୁଟି ୧୮ ତାରିଖରେ ସରିଯିବା ପରେ ସରକାର ପାଗ ଦେଖି ସମସ୍ତ ଜିଲ୍ଲାପାଳଙ୍କୁ ବିଦ୍ୟାଳୟଗୁଡ଼ିକ ଖୋଲିବା ନେଇ ଦାୟିତ୍ୱ ଅର୍ପଣ କରିଥିଲେ। ତାଳଚେର ଅଞ୍ଚଳରେ ସର୍ବାଧିକ ରୌଦ୍ରତାପ ସହିତ ଅସହ୍ୟ ଗୁଳୁଗୁଳିରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ କିପରି ଅଧ୍ୟୟନ କରିବେ, ତାକୁ ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନୁଗୋଳ ଜିଲ୍ଲାର ସମସ୍ତ ବିଦ୍ୟାଳୟ ମଙ୍ଗଳବାରଠାରୁ ଖୋଲିଥିବା ବେଳେ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ଅପେକ୍ଷାକୃତ କମ ଥିବା ଜଣାପଡ଼ିଛି। ତାଳଚେରରେ ବିଦ୍ୟୁତ୍ ଲୋ-ଭୋଲଟେଜ୍ ଏବଂ ବିଦ୍ୟୁତର ଲୁଚକାଳି ଖେଳ ଚିନ୍ତାରେ ପକାଇଛି। ପୁନଶ୍ଚ କେଉଁ ବିଦ୍ୟାଳୟରେ ଫ୍ୟାନ୍ ରହିଥିବା ବେଳେ ଠିକ୍ ଭାବେ ବୁଲୁନାହିଁ ତ ଆଉ କେଉଁ ବିଦ୍ୟାଳୟରେ ଆବଶ୍ୟକ ଠାରୁ ଅଳ୍ପ ରହିଛି। ସେଥି ମଧ୍ୟରୁ କେତେକ ଅଚଳ ହୋଇ ପଡ଼ିରହିଛି। ଏପରିସ୍ଥଳେ କୁନି କୁନି ଛାତ୍ରଛାତ୍ରୀମାନେ କିପରିଭାବେ ଏତେ ସମୟ ପାଠପଢ଼ିବେ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗରମ ଜନିତ ଅସହ୍ୟ ଗୁଳୁଗୁଳିରେ ପଦାକୁ ବାହାରିବା ଅସହ୍ୟ ହେଉଥିବା ବେଳେ କିପରି କୋମଳମତୀ ଛାତ୍ରଛାତ୍ରୀମାନେ କଷ୍ଟ ଅନୁଭବ କରୁଥିବେ, ତାହା ବିଚାରଯୋଗ୍ୟ। ଅଭିଅଭାବକମାନେ ଏନେଇ ଚିନ୍ତାରେ ପଡ଼ିଥିବା ବେଳେ ବିଭିନ୍ନ ଅଭିଯୋଗ ଆଣିଛନ୍ତି। ଛୁଟି ପରେ ପାଗରେ ବରିବର୍ତ୍ତନ ହୋଇ ନଥିବା ବେଳେ ଗୁଳୁଗୁଳିରେ ପିଲାମାନେ କେମିତି ବିଦ୍ୟାଳୟ ଯାଇ ପାଠପଢ଼ିବେ, ସେନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ଖରା ଜନିତ ଅଂଶୁଘାତ ଚିନ୍ତାର କାରଣ ହୋଇଛି। ସେମାନେ ପ୍ରଥମ ଦିନରେ ଠିକ୍ ଭାବେ ଅଧ୍ୟୟନ କରିପାରି ନାହାନ୍ତି ଏବଂ ପଢ଼ାରେ ତାଙ୍କର ଉତ୍ସାହ ହେଉନାହିଁ ବୋଲି ଛାତ୍ରଛାତ୍ରୀମାନେ ମଧ୍ୟ ପ୍ରକାଶ କରିଛନ୍ତି। ପାଣିପାଗ କେବେ ସୁଧୁରିବ, ତାହା ଏବେଠାରୁ କହିବା ସମ୍ଭବ ହେଉ ନଥିବା ବେଳେ ଅନୁଗୋଳ ଜିଲ୍ଲାପାଳ ଏହାକୁ ଦୃଷ୍ଟିରେ ରଖି ସ୍କୁଲଗୁଡ଼ିକ ଆଉ କିଛିଦିନ ଛୁଟି କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



**କିଶୋରନଗର, ୧୯।୬(ସମିସ):** କିଶୋରନଗର ବ୍ଲକ ରଣିଆକଟା ଗ୍ରାମରେ ଅଗ୍ନିକାଣ୍ଡ ଘଟି ସରୋଜ ମାଝୀଙ୍କ ୨ ବଖରା ଚାଳ ଛପର ଘର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସମାଜସେବୀ ତଥା ଜିଲ୍ଲା ଭାରତୀୟ ଜନତା ପାର୍ଟିର ଉପସଭାପତି ଅର୍ଜୁନ ସାହୁଙ୍କ ସହଯୋଗରେ ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଚିକୁନ ବିଶ୍ୱାଳ, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଜିତେନ୍ଦ୍ର ସାହୁ, କ୍ଷେତ୍ରମୋହନ ପ୍ରଧାନ, ବଶିଷ୍ଟ ନାୟକ, ଅମିତ ପ୍ରଧାନ, ମଧୁସୂଦନ ପ୍ରଧାନ, ସଞ୍ଜୟ ବେହେରା, ବବଲୁ ସାହୁ ପ୍ରମୁଖ ଉପସ୍ଥିତ ରହି ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ୭ ହଜାର ଟଙ୍କାର ଅନୁକମ୍ପା ରାଶି, ଡାଲି, ଚାଉଳ, ଲୁଣ, ତେଲ ଏବଂ ବସ୍ତ୍ର ପ୍ରଦାନ କରିଛନ୍ତି।

## 'ଆର୍ଟ ଅଫ୍ ଗିଭିଂ ଡେ' ପାଳିତ




**ଆଠମଲ୍ଲିକ, ୧୯ ।୬(ସମିସ):** ସ୍ଥାନୀୟ ସୂଚନା ଭବନ ପରିସରରେ ସାମ୍ବାଦିକ ଆଶିଷ କୁମାର ସିଂହଙ୍କ ପୌରୋହିତ୍ୟରେ ୧୧ ତମ ଆର୍ଟ ଅଫ ଗିଭିଂ ଡେ ପାଳନ ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ଉପଜିଲ୍ଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର, ମୁଖ୍ୟ ବକ୍ତା ଭାବରେ ଇଂ. ରମେଶ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କଅଁର, ଅନ୍ୟତମ ଅତିଥି ଭାବରେ ସୂଚନା ଲୋକସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ, ଶିକ୍ଷାବିତ୍ ପିତାମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆର୍ଟ ଅଫ ଗିଭିଂ ଡେ ପାଳନର ଆବଶ୍ୟକତା ଉପରେ ବ୍ୟାଖ୍ୟା କରିବା ସହିତ ସ୍ୱାର୍ଥ ନ ଥାଇ ଅସହାୟ, ନିରାଶ୍ରୟଙ୍କୁ ଦାନ ସହିତ ସାହାଯ୍ୟ ଓ ସହଯୋଗ କଲେ ଆତ୍ମ ସନ୍ତୋଷ ମିଳିଥାଏ ବୋଲି ମତ ପ୍ରକାଶ କରିଥିଲେ। ପ୍ରଥମରେ ଆର୍ଟ ଅଫ ଗିଭିଂ ଡେ'ର ସଂଯୋଜକ ତଥା ସାମ୍ବାଦିକ ଶ୍ରୀ ସିଂହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ମହାନ୍ ଶିକ୍ଷାବିତ୍ ଡ. ଅଚ୍ୟୁତ ସାମନ୍ତଙ୍କ ପରିକଳ୍ପନାରେ ଏହି ଦିବସ ପାଳନ ହେଉଥିବା ବେଳେ ଏବେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜନାଦୃତ ହେବାକୁ ଯାଉଛି ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ବହୁ ବୁଦ୍ଧିଜୀବୀ, ଆଇନଜୀବୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଶେଷରେ ଖବରଦାତା ଉଦୀପ୍ତ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପାଲଲହଡ଼ା ବିଧାୟକ

**କଣିହାଁ, ୧୯।୬(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଭେଟି ନିର୍ବାଚନ ମଣ୍ଡଳୀ



ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ଉଭୟ କଣିହାଁ ଏବଂ ପାଲଲହଡ଼ା ବ୍ଲକରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ପର୍ଯ୍ୟଟନ ସହିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ଓ ଉନ୍ନତି କିପରି ହେବ, ସେ ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ବିଧାୟକ ଶ୍ରୀ ମହାନ୍ତି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଧାୟକ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ପାଲଲହଡ଼ା ଆସିବାକୁ ଅନୁରୋଧ କରିଛନ୍ତି। ଲୋକଙ୍କ ସହିତ ମୁଖ୍ୟମନ୍ତ୍ରୀ ମିଶି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ନିବେଦନ କରିଥିଲେ।

## ବିଶ୍ୱ ସିକିଲ୍‌ସେଲ୍ ଦିବସ ପାଳିତ



**ଅନୁଗୋଳ, ୧୯ ।୬(ସମିସ):** ଅନୁଗୋଳ ଜିଲ୍ଲା ଚମ୍ପତିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ରଗଡ଼ିଆପଡ଼ା ପ୍ରାଥମିକ ବିଦ୍ୟାଳୟରେ ଆଜି ବିଶ୍ୱ ସିକିଲସେଲ ଦିବସ ପାଳିତ ହୋଇଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଜୁନ ୧୯ରେ ବିଶ୍ୱ ସିକିଲସେଲ ଦିବସ ଏଠାରେ ବେଶ୍ ଧୁମଧାମରେ ପାଳିତ ହୋଇଛି। ଏହି ଦିବସ ପାଳନ ଅବସରରେ ଲୋକମାନେ କେମିତି ଏହି ରୋଗଠାରୁ ଦୂରେଇ ରହିବେ ଓ ଏହାର ଲକ୍ଷଣ ସମ୍ପର୍କରେ ଲୋକଙ୍କୁ ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମ ତୁମୁଣୀ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ଦ୍ୱାରା ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ମହିଳା ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଆଇନ

# ମାଲିକଙ୍କ ବିରୁଦ୍ଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ



**ଅନୁଗୋଳ, ୧୯ ।୬(ସମିସ):** ଅନୁଗୋଳ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିଷେଧ ଏବଂ ନିୟନ୍ତ୍ରଣ ଆଇନ ୧୯୮୬ ଅଧୀନରେ ଏକ ସମନ୍ୱୟ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶିଶୁ କିମ୍ବା କିଶୋରମାନଙ୍କୁ ଶ୍ରମିକ ଭାବରେ କାର୍ଯ୍ୟରେ ଲଗାଉଥିବା ମାଲିକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ଉକ୍ତ ଶିଶୁ ଏବଂ କିଶୋର ଶ୍ରମିକଙ୍କୁ କିପରି ଉଦ୍ଧାର କରି ଉପଯୁକ୍ତ ଥଇଥାନ କରାଯିବ, ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯେଉଁ ମାଲିକ ପୁନର୍ବାର ଆଇନର ଉଲ୍ଲଂଘନ କରୁଥିବେ, ସଂସ୍ଥାକୁ ସିଲ କରାଯିବ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିକ୍ଷା ଅଧିକାର ଆଇନକୁ କଡ଼ାକଡ଼ି ଭାବରେ ପାଳନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲାପାଳ ମହମଦ ଅଦାଲ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ଜିଲ୍ଲା ଶ୍ରମ ଅଧିକାରୀ ପ୍ରିୟମ୍ବଦା ସ୍ୱାଇଁ ପରିଚାଳନା କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭା ବାରିକ, ଶିଶୁ କଲ୍ୟାଣ କମିଟିର ସଦସ୍ୟା ମମତା ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ କଲ୍ୟାଣ ବୋର୍ଡ ଲିରିକା ରାୟ, ସହକାରୀ ଶ୍ରମ ଅଧିକାରୀ ଦେବବ୍ରତ ମହାନ୍ତି, ଏନଜିଓ ଏବଂ ସିଭିଲ ସୋସାଇଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି ବୈଠକ




**କିଶୋରନଗର, ୧୯ ।୬(ସମିସ):** ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ କିଶୋରନଗର ସଭା ଗୃହଠାରେ ବିପର୍ଯ୍ୟୟ ପରିଚାଳନା ପାଇଁ ଟେବୁଲ ଟପ୍ ଏକ୍ସରସାଇଜ୍ ର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ବିହାରୀ ବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ ପ୍ରଧାନ, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ, ମେଡିକାଲ ଅଫିସର ବିନୟ କୁମାର ମିଶ୍ର, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସତ୍ୟପ୍ରିୟ ସାହୁ, ବାମୁର ଅଗ୍ନିଶମ ଅଧିକାରୀ, ସମସ୍ତ ପଞ୍ଚାୟତର ସରପଞ୍ଚ, ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ବିଭାଗୀୟ ଅଧିକାରି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ ବିପର୍ଯ୍ୟୟ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ କିପରି ସମନ୍ୱୟ ରକ୍ଷାକରି ବିପର୍ଯ୍ୟୟର ମୁକାବିଲା କରିପାରିବେ, ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଶେଷରେ ବାମୁର ଅଗ୍ନିଶମ ଅଧିକାରୀ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଥିବା ବିଭିନ୍ନ ଉପକରଣ ସମ୍ପର୍କରେ ମକ୍ ଡ୍ରିଲ ମାଧ୍ୟମରେ ବର୍ଣନା କରାଯାଇଥିଲା।

## ଦେଉଳବେଡ଼ା ମଡେଲ ହାଇସ୍କୁଲ ୨୦୦୧ ବ୍ୟାଚ୍‌ର ବନ୍ଧୁମିଳନ



**ତାଳଚେର ସଦର, ୧୯ ।୬(ସମିସ):** ଦେଉଳବେଡ଼ା ଡିସିଆଇ କ୍ଲବ୍ ଠାରେ ଦେଉଳବେଡ଼ା ମଡେଲ ହାଇସ୍କୁଲ ୨୦୦୧ ବ୍ୟାଚ୍ ର ଛାତ୍ରଛାତ୍ରୀ ମାନଙ୍କର ବନ୍ଧୁମିଳନ ଦିବସ ପାଳନ ହେଇଯାଇଛି। ଦୀର୍ଘ ୨୫ ବର୍ଷ ପରେ ସବୁ ଛାତ୍ରଛାତ୍ରୀ ଏକାଠି ହୋଇ କୌତୁହଳର ସହ ଏହି ବନ୍ଧୁମିଳନ ଦିବସକୁ ପାଳନ କରିଛନ୍ତି। ସ୍କୁଲର ପୁର୍ବତନ ୧୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ୬୦ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ବନ୍ଧୁମିଳନରେ ସାମିଲ ହୋଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ। ଛାତ୍ରଛାତ୍ରୀମାନେ ବର୍ତ୍ତମାନର କର୍ମମୟ ଜୀବନ ବିଷୟରେ ଅବଗତ କରାଇ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ଆନନ୍ଦିତ ହୋଇ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଥମେ ପରଲୋକ ଗମନ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ହୋଇଥିବା ଭୋଜି ଭାତରେ ଏକତ୍ରିତ ହୋଇ ସମସ୍ତେ ଆନନ୍ଦର ସହିତ ଏହି ବନ୍ଧୁମିଳନ ଦିବସକୁ ପାଳନ କରିଥିଲେ।

# ବିଶ୍ୱ ରକ୍ତଶିକୁଳି ଦିବସ ପାଳିତ



**ଅନୁଗୋଳ, ୧୯ ।୬(ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତ ଶିକୁଳି ଦିବସ - ୨୦୨୪ ପାଳିତ ହୋଇଯାଇଛି। ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ସହିତ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳନ କରିବାର ତାତ୍ପର୍ଯ୍ୟ ଓ ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି ଅଧ୍ୟକ୍ଷତା କରି ସିକିଲ ସେଲ୍ ରୋଗ କ'ଣ, କିପରି ହୁଏ ଓ ରକ୍ତହୀନତାର ନିରାକରଣ ଉପରେ ଆଲୋକପାତ କରିଥିଲେ। 'ରକ୍ତ ଶିକୁଳି ଜନିତ ରକ୍ତହୀନତା ନିରାକରଣ' ର ସଚେତନତା ଅଭିଯାନ ଆଜି ଠାରୁ ୩ ଜୁଲାଇ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷର ବାର୍ତ୍ତା ହେଉଛି "ଜୀବନରେ ପରିବର୍ତ୍ତନ ଆଣିବା, ରକ୍ତ ଶିକୁଳିକୁ ହରାଇବା ସମ୍ମିଳିତ ପ୍ରୟାସରେ ସୁନିଶ୍ଚିତ ଆରୋଗ୍ୟ ଲାଭ କରିବା"। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସଚେତନତା ପାଳନ କରିବାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଭରତ କୁମାର ସାହୁ ଓ ଅଜିତ କୁମାର ତ୍ରିପାଠୀ ସଂଚାଳନା କରିଥିଲେ। ଶେଷରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦୀପକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିଗଣ ରକ୍ତ ଶିକୁଳି ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କୁ ରକ୍ତ ଶିକୁଳି ଷ୍ଟାଟସ କାର୍ଡ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହରାଞ୍ଚଳର ଅଧିବାସୀ, ଶିକୁଳି ରୋଗରେ ପୀଡ଼ିତ ବ୍ୟକ୍ତିମାନେ, ବିଭାଗୀୟ ଅଧିକାରୀ ଓ ଆଶା କର୍ମୀ ଯୋଗ ଦେଇଥିଲେ।

# ଆଉ ଶୁଭୁନି ଢିଙ୍କିର ଗମ୍ଭୀର ନାଦ

ତାଳଚେର ସଦର, ୧୯ ।୬(ସମିସ)



ବହୁ ପୁରାତନ କାଳରୁ ଘରେ ଘରେ ପରିଚିତ ଥିଲା ଢିଙ୍କି। ଓଡ଼ିଶାର ଘରେ ଘରେ ଢିଙ୍କି ଏକ ପ୍ରିୟ ପରିଚିତ ବସ୍ତୁ ଭାବେ ନିଜ ଅବସ୍ଥାନ ଜାହିର କରୁଥିଲା। ଗ୍ରାମାଞ୍ଚଳରେ ଶୀତୁଆ ପାହାନ୍ତାରେ ଢିଙ୍କି ପାହାରର ଗମ୍ଭୀର ନାଦ ଶୁଣିବାକୁ ମିଳୁଥିଲା। ଏଥିପାଇଁ ଓଡ଼ିଶାରେ ଢିଙ୍କି ଦେ ଚମକାଇରେ ସମା କୁଟେ ଧାନ....' ଭଳି ଗୀତଠୁଁ ଆରମ୍ଭ କରି 'ଢିଙ୍କିଶାଳରୁ ଢେଙ୍କାନାଳ', 'ଘର ଢିଙ୍କି କୁମ୍ଭାର ' ପରି ଢଗଢ଼ମାଳୀ ମଧ୍ୟ ପ୍ରଚଳିତ ଥିଲା। କିନ୍ତୁ ଆଜିର ବିଜ୍ଞାନ ଯୁଗରେ ଆଧୁନିକ ଧାନପେସା କଳ ବାହାରିବା ପରଠୁ ଆମ ସଂସ୍କୃତି ସହ ଓତଃପ୍ରୋତ ଭାବେ ଜଡ଼ିତ ଥିବା ଢିଙ୍କିର ଅସ୍ତିତ୍ୱ ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଧାନକଳ ନଥିବା ସମୟରେ ଢିଙ୍କି ହିଁ ଚାଉଳ, ଡାଲି, ଚୂନା, ଅଟା ପ୍ରସ୍ତୁତି କରି ମଣିଷକୁ ସମର୍ପି ଦେଉଥିଲା। ଢିଙ୍କିକୁଟା ଚାଉଳ ମଣିଷ ପାଇଁ ସବୁ ଦୃଷ୍ଟିରୁ ଉପାଦେୟ ଥିଲା। ଢିଙ୍କି ପ୍ରଥମେ ଧାନରୁ ଛାଲିକୁ ୨ ଫାଳ କରି ବାହାର କରୁଥିଲା। ଏହି ଧାନ ଛାଲିକୁ ଚଷୁ ବୋଲି କୁହାଯାଉଥିଲା। ଏଥିରୁ ବାହାରୁଥିବା ଚାଉଳ ବଗଡ଼ା ହେଉଥିବାରୁ ତହିଁରେ ଭିଟାମିନ୍ ମଧ୍ୟ ଭରପୂର ରହୁଥିଲା। ଏହାରି ବିପରୀତ କଳକୁଟା ଚାଉଳ ଅଧିକ ପରିଷ୍କାର ଓ ଚିକ୍କଣ ହେବା ସହ କ୍ଷଣିକ ସମୟରେ ଅଧିକ ପରିମାଣରେ ଚାଉଳ ପେଶା ହୋଇପାରୁଥିବା କାରଣରୁ ଢିଙ୍କିର ଆଦୃତ୍ତି କ୍ରମାଗତ ଭାବେ କମିବାରେ ଲାଗିଲା। କଳକୁଟା ଚାଉଳରେ ଲାଲ୍ ଅଂଶ ଜମାରୁ ରହୁ ନଥିବାରୁ ଏହା କିଛିକାଂଶରେ ଭିଟାମିନ୍ ରହିତ ହେଉଥିବା ମଧ୍ୟ କୁହାଯାଇଥାଏ। ଏବେ ନିପଟ ମଫସଲରେ ମଧ୍ୟ ଶୀତୁଆ ରାତି ଓ ପାହାନ୍ତିରେ ଢିଙ୍କି ପାହାରର ଗମ୍ଭୀର ନାଦ ଆଉ ଶୁଣାଯାଉନାହିଁ। ୮୦ ଦଶକ ପରଠୁଁ ଢିଙ୍କି କ୍ରମଶଃ ଲୁପ୍ତହୋଇ ଏବେ ନିଶ୍ଚିହ୍ନ ହେବାକୁ ବସିଛି। କିଛିଦିନ ପରେ ନୂଆ ପିଢ଼ିର ପିଲାଏ ଢିଙ୍କି କିଭଳି ଜିନିଷ ବୋଲି ଜାଣିବାକୁ ପାଇବା ମଧ୍ୟ ମୁସ୍କିଲ ହେବ। ଏଣିକି ଢିଙ୍କି କେବଳ ମ୍ୟୁଜିୟମରେ ସାଇତା ହୋଇ ରହିବ ବୋଲି ଆଲୋଚନା ହେଉଛି।



ଲୁଟେରା ବିଭିନ୍ନ ଗହଣା ଦୋକାନ ସମେତ ବ୍ୟକ୍ତିବିଶେଷଙ୍କ ଘରୁ ସୁନା ଚୋରି କରିବା ପରେ ସେଗୁଡ଼ିକୁ ବିଭିନ୍ନ ଋଣପ୍ରଦାନକାରୀ ସଂସ୍ଥା ତଥା ବ୍ୟାଙ୍କରେ ବନ୍ଧକ ରଖି କୋଟିକୋଟି ଟଙ୍କା ଋଣ ନେଉଛନ୍ତି । ଏକପକ୍ଷରେ ସେମାନଙ୍କ ସୁନା ସୁରକ୍ଷିତ ଭାବେ ବ୍ୟାଙ୍କରେ ରହିବା ସହ ଅତି ସହଜ ଉପାୟରେ ଚୋରି ସୁନା ବଦଳରେ ଟଙ୍କା ପାଇପାରୁଛନ୍ତି । ଫଳରେ ସୁନା ବିକ୍ରି ପାଇଁ ଗ୍ରାହକ ଯୋଗାଡ଼ କରିବାକୁ ପଡୁନି । ଦୀର୍ଘଦିନ ଧରି ବନ୍ଧକ ରଖାଯାଇଥିବା ସୁନାକୁ ସମୟ ସୁବିଧା ଦେଖି ଉଠାଇ ନେଉଥିବା ବେଳେ ଅନେକ ସମୟରେ ବ୍ୟାଙ୍କ କର୍ମଚାରୀଙ୍କ ଜରିଆରେ ସୁନାକୁ ନିଲାମ କରାଯାଉଛି । ଫଳରେ କର୍ମଚାରୀ ମଧ୍ୟ ଭଲ ହାତ ଚିକ୍କଣ କରୁଛନ୍ତି । ଗତ କିଛି ମାସ ମଧ୍ୟରେ ଚୋରି ସୁନାକୁ ବନ୍ଧକ ରଖିବା ସହ ଲୁଟେରାଙ୍କ ସହ ପ୍ରଚ୍ଛଦପଟ ଭାବେ ସମ୍ପୃକ୍ତି ରହୁଥିବା ଋଣ ପ୍ରଦାନକାରୀ ସଂସ୍ଥାର ଭୁବନେଶ୍ୱର ଶାଖା ମୁଖ୍ୟ ଓ କିଛି କର୍ମଚାରୀଙ୍କୁ ଗିରଫ କରାଯାଇଛି ।

**ରିପୋର୍ଟ: ସକାଳ ବ୍ୟୁରୋ**

# ଚୋରି ସୁନାରେ ଋଣ

ଚଳିତବର୍ଷ ପ୍ରାୟ ୨୦ଟି ମାମଲାରେ ପୁଲିସ ଚୋରି ସୁନା ଅଳଙ୍କାରକୁ ଋଣ ଦେଉଥିବା ସଂସ୍ଥାର ଲକର୍‌ରେ ଠାବ କରିଛି । ଗତ ଏପ୍ରିଲ ମାସରେ ଏଭଳି ଏକ ଗହଣା ଚୋରି ଘଟଣାର ପର୍ଦ୍ଦାଫାସ କରିଥିଲା କମିସନରେଟ୍ ପୁଲିସ । ପୁଲିସ ପର୍ଶୁରାମ ଗିରି, ଶୁଭକାନ୍ତ ବେହେରା ଓରଫ କାଜଲ, ମଧୁସୂଦନ ମହାନ୍ତି ଓରଫ ମଧୁ, ଯାଜପୁରର ବିଶ୍ୱଜିତ ଦାଶ ଓରଫ ବିଟୁକୁ ପୁଲିସ ଗିରଫ କରିଥିଲା । ରାଜଧାନୀର ଆପାର୍ଟମେଣ୍ଟର ଫ୍ଲାଟ୍, ସୁନା ଦୋକାନ ଓ ଛିନ୍‌ତାଇ କରି ସୁନାଗହଣା ଲୁଟି ନେଇଛନ୍ତି ଲୁଟେରା ଗ୍ୟାଙ୍ଗ୍ । ଗତ କିଛିବର୍ଷର ପୁଲିସ ରେକର୍ଡକୁ ଅନୁଧ୍ୟାନ କଲେ ୩୦ଟି ଆପାର୍ଟମେଣ୍ଟରୁ ୧୦ କୋଟିରୁ ଅଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଛି । ଖଣ୍ଡଗିରି ଥାନା ଡେଲ୍‌ଟା ଛକରେ ଥିବା ଲକ୍ଷ୍ମୀନାରାୟଣ ଜୁଏଲରୀରୁ ୧ କିଲୋ ସୁନା, ୧୦ କିଲୋ ରୁପା ଲୁଟ୍ ହୋଇଥିବା ବେଳେ ଅନ୍ୟାନ୍ୟ ସୁନା ଦୋକାନରୁ ପ୍ରାୟ ୩ କିଲୋରୁ ଅଧିକ ସୁନା ଲୁଟ୍ ହୋଇଥିବା ଅଭିଯୋଗ ରହିଛି । ଗୋଟିଏ ଗୋଟିଏ ମାସରେ ଭୁବନେଶ୍ୱରରୁ ୩୦ରୁ ଅଧିକ ସୁନାଚେନ୍ ଲୁଟ୍ ହୋଇଛି । ସୁନା ଲୁଟ୍ ପଛରେ ରାଜ୍ୟର ଲୁଟେରା ସହ ବିହାରୀ, ବଙ୍ଗାଳୀ ଓ ତେଲୁଗୁ ଲୁଟେରାଙ୍କ ସମ୍ପୃକ୍ତି ରହୁଥିବା ଜଣାପଡ଼ିଛି ।





## ନକଲି ସୁନାରେ ଋଣ

ବିଭିନ୍ନ ଋଣପ୍ରଦାନକାରୀ ସଂସ୍ଥାରେ ସୁନା ବନ୍ଧକ ରଖୁଥିବା ସୁନା ଅସଲି କି ନକଲି ଚିହ୍ନଟ କରିବା ଲାଗି ସ୍ୱତନ୍ତ୍ର ବଣିଆମାନଙ୍କୁ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦିଆଯାଇଥାଏ । ଏହି କ୍ରମରେ ଭୁବନେଶ୍ୱରର ଡୁମୁଡୁମା ଅଞ୍ଚଳରେ ଏକ ବ୍ୟାଙ୍କରେ ନିଯୁକ୍ତି ପାଇଥିଲେ ବଣିଆ । କିନ୍ତୁ ସେହି ବଣିଆଙ୍କୁ ହାତ କରି ଜଣେ ବ୍ୟକ୍ତି ନକଲି ସୁନା ବନ୍ଧକ ରଖି କୋଟି କୋଟି ଟଙ୍କା ଋଣ କରିଥିବା ଭଳି ଘଟଣା ଏକଦା ପଦାକୁ ଆସିଥିଲା । ଏହି ଘଟଣାକୁ ଭିତ୍ତିକରି ସମ୍ପୃକ୍ତ ବଣିଆ ସମେତ ନକଲି ସୁନା ଗହଣା ବନ୍ଧକ ରଖିଥିବା ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଥିଲା । ଏହା କେବଳ ଡୁମୁଡୁମାର ଏକ ବ୍ୟାଙ୍କ୍ ନୁହେଁ ଅନ୍ୟ କେତେକ ବ୍ୟାଙ୍କ୍‌ରେ ମଧ୍ୟ ନକଲି ସୁନା ବନ୍ଧକ ରଖି ବଣିଆ ମାଧ୍ୟମରେ ଋଣ ଆକାରରେ ଟଙ୍କା ନେଇଥିବାର ବହୁ ନଜିର ରହିଛି । ଏସବୁ କ୍ଷେତ୍ରରେ ବ୍ୟାଙ୍କ୍ କର୍ମଚାରୀଙ୍କ ସମ୍ପୃକ୍ତି ମଧ୍ୟ ପଦାକୁ ଆସିଛି । ଗତ ୨୦୨୩ ମସିହାରେ ପାରଳାଖେମୁଣ୍ଡିର ଏକ ବ୍ୟାଙ୍କ୍‌ରେ ନକଲି ସୁନା ବନ୍ଧକ ରଖିବା ୪୦ ଲକ୍ଷ ଟଙ୍କା ଋଣ ନେବା ଘଟଣାରେ ପୁଲିସ ୧୧ ଜଣଙ୍କୁ ଗିରଫ କରିଥିଲା । ସେହିଭଳି ବାଲେଶ୍ୱରର କେନ୍ଦ୍ରୀୟ ବ୍ୟାଙ୍କ୍‌ରେ ନକଲି ସୁନା ବନ୍ଧକ ରଖିଥିବା ଅଭିଯୋଗରେ ପୁଲିସ ୭ ଜଣଙ୍କୁ ଗିରଫ କରିଥିଲା ।

## ଲୁଟ୍ ପଛରେ 'ବଣିଆ'

ସୁନା ଚୋରି କରିବା ଲାଗି ଲୁଟେରାଙ୍କୁ ପ୍ରୋତ୍ସାହିତ କରୁଛନ୍ତି ବଣିଆ । କିଛି ବଣିଆ କିମ୍ବା ସୁନାଦୋକାନୀ ସିଧାସଳଖ ଚୋରି ସୁନାକୁ ସ୍ୱଳ୍ପ ଦରରେ କିଣି ବିକ୍ରି କରୁଛନ୍ତି । ବଜାରରେ ଏକ ଭରି ବା ୧୦ ଗ୍ରାମ୍ ସୁନା ଦର ପ୍ରାୟ ୭୦ରୁ ୭୫ ହଜାର ଟଙ୍କା ଥିବା ବେଳେ ଚୋରି ସୁନାକୁ ବଣିଆ ଓ ସୁନା ଦୋକାନୀ ୪୨ ହଜାର ଟଙ୍କାରେ କିଣି ମାଲେମାଲ୍ ହୋଇଯାଉଛନ୍ତି । ପରେ ଦୋକାନରେ ଜିଏସ୍‌ଟି ଓ ଅନ୍ୟାନ୍ୟ ଦାମ୍ ପକାଇ ଗ୍ରାହକଙ୍କ ଠାରୁ ଭିଡ଼ି ନେଉଛନ୍ତି । ବର୍ଷେ ଭିତରେ ଚୋରି ସୁନା କିଣୁଥିବା ୧୨ଜଣ ବଣିଆଙ୍କୁ ଗିରଫ କରିସାରିଲାଣି କମିସନରେଟ୍ ପୁଲିସ । ଚୋରି ସୁନା କିଣିଥିବା ବାପ ରାମମୂର୍ତ୍ତି ତାଙ୍କ ପୁଅ ଆଦିତ୍ୟ ଏବଂ ସୁବ୍ରତକୁ ପୁଲିସ ଗିରଫ କରାଯାଇଥିଲା । ଆଉ କିଛି ମାମଲାରେ ପ୍ରବୀଣ ବଲିରାମ ଲୋଖଣ୍ଡେ, ସୁନାମ ଚରଣ ସାହୁ, ଟି.ବାବୁରାଓ, ପଦ୍ମଲୋଚନ ରଣା, ପୁଷ୍ପାରଞ୍ଜନ ସାହୁ ଭଳି କୁଖ୍ୟାତ ବଣିଆ କିମ୍ବା ସୁନାଦୋକାନୀଙ୍କୁ ଗିରଫ କରାଯାଇଛି । ଏପରିକି ଆଉ କିଛି ବଣିଆ ଏବେ ପୁଲିସର ସ୍କାନରରେ ରହିଛନ୍ତି । ସେମାନଙ୍କୁ ଥାନାରେ ହାଜର ହେବାକୁ ନୋଟିସ୍ କରାଯାଇଛି ।

*ବଲାଙ୍ଗିରର ଏକ ଦାମୀ ହୋଟେଲରୁ ମିଳିଥିଲା ଜଣେ ପୁଲିସ କନ୍‌ଷ୍ଟେବଲଙ୍କ ମୃତଦେହ । ହାତଗୋଡ଼ ବନ୍ଧା ଅବସ୍ଥାରେ ଗାଧୁଆଘର ଭିତରୁ ଶବ ମିଳିବା ପରେ ଆରମ୍ଭରୁ ହିଁ ତାହା ଏକ ହତ୍ୟା ଘଟଣା ବୋଲି ସ୍ପଷ୍ଟ ହୋଇଥିଲା । କିନ୍ତୁ କାହିଁକି ଜଣେ ପୁଲିସ କନ୍‌ଷ୍ଟେବଲ୍‌ଙ୍କୁ ଏହିଭଳି ନିର୍ମମ ଭାବେ ହତ୍ୟା କରାଗଲା! ଅପରପକ୍ଷେ କନ୍‌ଷ୍ଟେବଲ୍ ଜଣକ ଗଞ୍ଜେଇ କାରବାର କରୁଥିବାରୁ ସେ ନିଲମ୍ବିତ ହୋଇଥିଲେ । ହତ୍ୟା ପରେ ହତ୍ୟାକାରୀମାନେ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କ କାରରେ ଫେରାର ହୋଇଥିଲେ । ରାସ୍ତାରେ ଦୁର୍ଘଟଣା ହେବା ପରେ କାର୍ ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଥିଲେ । ବାସ୍ ସେଇଠୁ ପୁଲିସ ଆରମ୍ଭ କରିଥିଲା ତଦନ୍ତ । ଘଟଣାକୁ ଏକମାସ ପୂରିବା ପୂର୍ବରୁ ୬ ଜଣଙ୍କୁ ଗିରଫ କରିଥିଲା ପୁଲିସ । ମାମଲାରେ ଏବେ ବି ଦୁଇ ଜଣ ଫେରାର ଥିବା ବେଳେ ଏହି ହତ୍ୟା ଘଟଣା ପଛରେ ବେଆଇନ ମୂଲ୍ୟବାନ ପଥର କାରବାର ବୋଲି ଏସ୍‌ପି ସ୍ପଷ୍ଟ କରିଛନ୍ତି । ସମ୍ପୃକ୍ତ ପୁଲିସ କର୍ମଚାରୀ ମଧ୍ୟ ଏହି କାରବାରରେ ସମ୍ପୃକ୍ତ ଥିବା ବେଳେ ମୂଲଚାଲ୍‌କୁ ନେଇ ଗଣ୍ଡଗୋଳ ଓ ପରେ ହତ୍ୟା କରାଯାଇଥିବା ପୁଲିସ ସ୍ପଷ୍ଟ କରିଛି ।*

**ବଲାଙ୍ଗିରରୁ ଶିଶିରକାନ୍ତ ଶତପଥୀ ଓ ଅଭିଳାଷ ହୋତାଙ୍କ ରିପୋର୍ଟ**

# ହୋଟେଲ ଭିତରେ ହତ୍ୟାକାଣ୍ଡ
# ପ୍ରାଣ ନେଲା ହୀରା



ମେ ୧୬ ତାରିଖରେ ବଲାଙ୍ଗିର ରେଳଷ୍ଟେସନ ନିକଟରେ ଥିବା ଇନ୍ଦ୍ରପ୍ରସ୍ଥ ହୋଟେଲର ରୁମ ନମ୍ବର-୨୧୨ରୁ ମିଳିଥିଲା ଏକ ମୃତଦେହ । ତାହା କନ୍‌ଷ୍ଟେବଲ୍ ଶଙ୍କରଭାନୁ ବେହେରାଙ୍କର ବୋଲି ଜଣାପଡ଼ିବା ପରେ ଘଟଣାକୁ ନେଇ ଖେଳାଇଥିଲା ଚାଞ୍ଚଲ୍ୟ । ଜଣେ ପୁଲିସ କନ୍‌ଷ୍ଟେବଲ୍‌ଙ୍କୁ କିଏ ଓ କାହିଁକି ଏମିତି ହତ୍ୟାକଲା ସେନେଇ ପୁଲିସ ଆରମ୍ଭ କରିଥିଲା ତଦନ୍ତ । ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ, ଉକ୍ତ କୋଠରିଟି ୧୬ ତାରିଖରୁ ବୀରେନ ସିଂ ନାମକ ଜଣେ ଯୁବକଙ୍କ ନାମରେ ବୁକିଂ କରାଯାଇଥିଲା । ସେ ଧନବାଦ ଅଞ୍ଚଳରୁ ମେଡିକାଲ କାମରେ ବଲାଙ୍ଗିର ଆସିଥିବା ଦର୍ଶାଯାଇଥିଲା । ହୋଟେଲ୍‌ରେ ଦିଆଯାଇଥିବା ପରିଚୟପତ୍ର ନକଲି ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା । ଅପରପକ୍ଷେ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ଜାଣିବାକୁ ପାଇଥିଲା ଯେ, ଉକ୍ତ କୋଠରିକୁ ପ୍ରତିଦିନ ଅନେକ ଲୋକେ ଯିବା ଆସିବା କରୁଥିଲେ । ଏପରିକି ୧୭ ତାରିଖରେ ବୀରେନ ସିଂ ସହ ଆଉ କିଛି ଯୁବକ ରୁମ୍‌ରୁ ବାହାରିଥିବା ମଧ୍ୟ ପୁଲିସ ଜାଣିବାକୁ ପାଇଥିଲା । ହତ୍ୟା କରିବା ପରେ ଶଙ୍କରଭାନୁଙ୍କ କାର୍ ନେଇ ଯୁବକମାନେ ଫେରାର ହୋଇଯାଇଥିଲେ । କିନ୍ତୁ ଯେଉଁମାନେ ଯେଉଁ କାର୍‌ରେ ଯାଉଥିଲେ ତାହା ଖୁଜେନପାଲିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ପରେ ଗାଡ଼ି ଛାଡ଼ି ଫେରାର ହୋଇଥିଲେ ସମସ୍ତ ଅଭିଯୁକ୍ତ । କେବଳ ଜଣେ ବ୍ୟକ୍ତିଙ୍କ ପରିଚୟପତ୍ରରୁ ଟାଉନ୍ ପୁଲିସ ତଦନ୍ତ ଆଗକୁ ବଢ଼ାଇଥିଲା । ତଦନ୍ତ ସମୟରେ ଅନେକ କାରଣ ସାମ୍ନାକୁ ଆସିଥିଲା । କିନ୍ତୁ ପରେ ଏହା ବେଆଇନ ପଥର କାରବାରକୁ ନେଇ ହୋଇଥିବା ସ୍ପଷ୍ଟ ହୋଇଛି । ହତ୍ୟା ପଛରେ ରାଜ୍ୟ ବାହାର ଅପରାଧୀଙ୍କ ସମ୍ପୃକ୍ତି ପୁଲିସ ଜାଣିବାକୁ ପାଇଥିଲା ।

ପରବର୍ତ୍ତୀ ସମୟରେ ଶଙ୍କରଭାନୁ ହତ୍ୟା ମାମଲାରେ ଅନେକ ରୋଚକ ତଥ୍ୟ ପୁଲିସ ସାମ୍ନାକୁ ଆସିଥିଲା । ପୁଲିସ ସମୟକ୍ରମେ ୬ ଜଣଙ୍କୁ ଗିରଫ କରିଥିଲା । ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ କୋଡେରମା ସହରର ପଙ୍କଜ କୁମାର(୨୫), ଝାଡ଼ଖଣ୍ଡ ରାଜ୍ୟ କୋଡେରମା ଜିଲ୍ଲା ଅର୍ନ୍ତଗତ ଜୟନଗର ଥାନା ସ୍ଥିତ ହିରୋଡିହର ସୁରଜ କୁମାର ବର୍ଣ୍ଣୱାଲ ଓ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଥାନା ଅର୍ନ୍ତଗତ ସରଗିସେନୀ ଗାଁର କୃଷ୍ଣ ମେହେରା(୪୨), ବୌଦ୍ଧ ଜିଲ୍ଲା ଇଚ୍ଛାପୁର ଥାନା ଅଞ୍ଚଳର ମନୋରଞ୍ଜନ ସାଥୁଆ, ସୋନପୁର ଜିଲ୍ଲା ନନ୍ଦନମାଲ ଗାଁର ନିତାଇ କର(୫୯) ଓ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଅର୍ନ୍ତଗତ ବରପଦର ଗାଁର ରୋହିତ ସା(୩୭) । ଗିରଫ ଅଭିଯୁକ୍ତମାନେ ବେଆଇନ ମୂଲ୍ୟବାନ ପଥର କାରବାରରେ ସମ୍ପୃକ୍ତ ରହିଥିବା ବେଳେ ଶଙ୍କରଭାନୁ ମଧ୍ୟ ତାଙ୍କ ସହ ରହିଥିଲା । ବଲାଙ୍ଗିର ଏସପି ରିଶିକେଶ ଖିଲାରୀଙ୍କ କହିବା ଅନୁସାରେ ଝାଡ଼ଖଣ୍ଡରୁ ଗିରଫ ହୋଇଥିବା ଅଭିଯୁକ୍ତ ପଙ୍କଜ କୁମାର, ସୁରଜ ବର୍ଣ୍ଣୱାଲ ଏବଂ ବିହାରର ଅନ୍ୟ ଦୁଇଜଣ ଅଭିଯୁକ୍ତ ବେଆଇନ ରତ୍ନପଥର ଏବଂ ହୀରା କାରବାରରେ ସାମିଲ ଥିଲେ । ସେମାନେ ସୋନପୁର ଠାରୁ ରତ୍ନପଥର ଏବଂ ହୀରା କିଣାବିକା କରୁଥିଲେ । ଏହି ହୀରା ଏବଂ ପଥର ସୋନପୁରକୁ ପ୍ରକୃତରେ ସୁରଟରୁ ଆସୁଥିଲା ମାତ୍ର ସେମାନେ ଏହାକୁ ମହାନଦୀ କୂଳରୁ ମିଳୁଥିବା ଦର୍ଶାଇ ଅଧିକ ଦାମ୍‌ରେ ବିକ୍ରି କରୁଥିଲେ । ଏଥିରେ ମୃତ ପୁଲିସ କର୍ମଚାରୀ ଶଙ୍କରଭାନୁ ବେହେରା ସମ୍ପୃକ୍ତ ଥିବା ବେଳେ ହତ୍ୟା ଦିନ ଏହାରି କାମରେ ବଲାଙ୍ଗିର ଆସିଥିଲା । କାରବାରରେ ଟଙ୍କା ଦେଣନେଣକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା । ଯାହାକୁ ନେଇ କିଛି ସ୍ଥାନୀୟ ସହଯୋଗୀଙ୍କ ସହାୟତାରେ ରାଜ୍ୟ ବାହାର ଅଭିଯୁକ୍ତମାନେ ଶଙ୍କରକୁ ହତ୍ୟା କରି ଫେରାର ହୋଇଥିଲେ । ଏହି ହତ୍ୟା ଉଦ୍ଦେଶ୍ୟରେ ପୂର୍ବରୁ ହିଁ ପୁଲିସକୁ ଭୂଆଁ ବୁଲାଇବା ପାଇଁ ନକଲି ପରିଚୟପତ୍ରର ବ୍ୟବହାର କରାଯାଇଥିଲା ।







## ରାଜ୍ୟ ବାହାରେ ବୁଲିଲା ପୁଲିସ

ପୁଲିସ କର୍ମଚାରୀଙ୍କ ହତ୍ୟା ଘଟଣାରେ ପୁଲିସକୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା । ନକଲି ପରିଚୟପତ୍ର, କିଛି ସିସିଟିଭି ଫୁଟେଜ୍ ଓ ତଦନ୍ତ ସମୟରେ ମିଳିଥିବା କିଛି ସୁରାକକୁ ନେଇ ଟାଉନ ପୁଲିସ ଛାନଭିନ ଆରମ୍ଭ କରିଥିଲା । ପ୍ରଥମରୁ ହିଁ ଏହି କାରବାରରେ ରାଜ୍ୟ ବାହାର ଲିଙ୍କ ସ୍ପଷ୍ଟ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିବା ସହଜ ନ ଥିଲା । କିନ୍ତୁ ଶଙ୍କରଭାନୁଙ୍କ ଫୋନରୁ ମିଳିଥିବା ସୁରାକ୍‌କୁ ବ୍ୟବହାର କରି ବଲାଙ୍ଗିର ପୁଲିସର ଏକାଧିକ ଟିମ୍ ରାଜ୍ୟ ବାହାରକୁ ଯାଇଥିଲେ । ଏହି ସ୍ୱତନ୍ତ୍ର ଟିମ୍ ବଲାଙ୍ଗିରରୁ ବିହାରର ଗୟା ସହର, ପଞ୍ଜାବର ଜଳନ୍ଧର, ପଶ୍ଚିମବଙ୍ଗରୁ କୋଲକାତା ସହ ରାଜ୍ୟର ଅନ୍ୟ ଜିଲ୍ଲାକୁ ଯାଇ ସେଠିକାର ପୁଲିସ ଅଧିକାରୀ ମାନଙ୍କ ସହାୟତାରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ ।





### କେନାଲ ଗ୍ୟାପ୍ ଫିଲିଂକୁ ନେଇ ଗ୍ରାମରେ ଅସନ୍ତୋଷ

# ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ



ବାଲିକୁଦା, ୧୯।୬(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ପଞ୍ଚାୟତ ଭଉଁରି ପପରହାଟ ମାଇନର କେନାଲର ବଳେଇ କାର୍ଯ୍ୟ ପ୍ରାୟ ୧ କୋଟି ୬୭ ଲକ୍ଷ ଅନୁଦାନ ରାଶିରେ ଚାଲୁ ରହିଛି। ଅନାବନା ଘାସରେ ପୋତିହୋଇ ପଡ଼ିଥିବା କାରଣରୁ କେନାଲ ଜଳ ପ୍ରବେଶରେ ବାଧକ ସାଜିଥିଲା। ଫଳରେ ଏଠାକାର ଚାଷୀ ଏହି କେନାଲର ପୁନରୁଦ୍ଧାର ସମେତ ସ୍ଥାୟୀ ଢଳେଇ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି କରିଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିର୍ମାଣ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ହେଲେ ଏହି କେନାଲ କାମହେବା ସମୟରେ କେନାଲ ବନ୍ଧ ଓ କେନାଲ ମଧ୍ୟରେ ଗ୍ୟାପ ସୃଷ୍ଟି ହୋଇଥିଲା। ଯାହା ଗୃହପାଳିତ ପଶୁଙ୍କ ସମେତ ଚାଷୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି କରିଥିଲା। ଫଳରେ ଏଠାକାର ଚାଷୀ ଉକ୍ତ ଗ୍ୟାପକୁ ମାଟି ପକାଇ ବନ୍ଦ କରିବାକୁ ଠିକା ସଂସ୍ଥାକୁ କହିଥିଲେ। ହେଲେ ଠିକାଦାର ବାହାରୁ ମାଟି ଆଣି ପୋତିବା ପରିବର୍ତ୍ତେ କେନାଲ ବନ୍ଧ ମାଟିକୁ ଜେସିବି ମେସିନ ଲଗାଇ ତାଡି ଉକ୍ତ ଖାଲରେ ପକାଇ ସମାନ କରି ଦେଇଥିବା ଦେଖିବାକୁ ମିଳିଥିଲା। ଯାହାକୁ ବିରୋଧ କରିବା ସହ ପୁନଃ ରାସ୍ତା ତିଆରି ପାଇଁ ଅଡି ବସିଛନ୍ତି ସାନ ବଖରାବାଦ, ଗୁମୁଟିଆ, ଭଉଁରୀ, ପରହାଟ ଆଦି ଗ୍ରାମ ସମେତ ୪୭ନଂ. ମା ଭଗବତୀ ପାଣି ପଞ୍ଚାୟତର କାର୍ଯ୍ୟକର୍ତ୍ତା। ସେମାନଙ୍କ ଅଭିଯୋଗ ଉକ୍ତ ରାସ୍ତାରୁ ମାଟି ତାଡ଼ି ନେବା ଫଳରେ ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ଦୁର୍ବଳ ହୋଇପଡ଼ିଛି। ଫଳରେ ସେମାନଙ୍କ କୃଷି କ୍ଷେତକୁ ଟ୍ରାକ୍ଟର, କୃଷି ସରଞ୍ଜାମ ସମେତ ସେମାନଙ୍କ ଅମଳ ଫସଲକୁ ଘରକୁ ବୋହି ନେବାକୁ ବାଧା ସୃଷ୍ଟି ହୋଇପାରେ। ଏଣୁ ସରକାରୀ ନିୟମକୁ ଉଲ୍ଲଂଘନ କରି ଠିକାଦାର ସଂସ୍ଥା ପକ୍ଷରୁ ମାଟି ବାହାରୁ କିଣା ନଯାଇ ବେଆଇନ ଭାବେ ରାସ୍ତା ତାଡି ମରାମତି କରିବା କାର୍ଯ୍ୟକୁ ବିରୋଧ କରିବା ସହ ରାସ୍ତା ନିର୍ମାଣ ନହେଲେ କାର୍ଯ୍ୟ ବନ୍ଦ ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏପରିକି ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ଠିକାସଂସ୍ଥା ପକ୍ଷରୁ ନିମ୍ନମାନର କାର୍ଯ୍ୟ ସହ ୪ ଇଞ୍ଚ ବଳେଇ ପରିବର୍ତ୍ତେ ୨ ଇଞ୍ଚ କରୁଥିବା ଅଭିଯୋଗ କରିଛନ୍ତି। ଏପରିକି ଆବଶ୍ୟକୀୟ ଭାଗ ଅନୁସାରେ ରଡ଼ ଦିଆଯାଇ ନାହିଁ ଫଳରେ ଉକ୍ତ କେନାଲ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନ କରିଛନ୍ତି ଗ୍ରାମବାସୀ।

ଏନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ପ୍ରିୟରଞ୍ଜନ ଜେନାଙ୍କ ପତିକ୍ରିୟା ନେବାରୁ ସେ କହିଛନ୍ତି ଯେ ମୁଁ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛି ଓ କାର୍ଯ୍ୟ ସଠିକ ଭାବେ ଚାଲିଛି। ଉକ୍ତ କାର୍ଯ୍ୟରେ କୌଣସି ମାଟି କାର୍ଯ୍ୟ ପାଇଁ ବ୍ୟୟବରାଦ ନାହିଁ। ତେବେ କିଛି ଗ୍ରାମବାସୀମାନେ ଉକ୍ତ ଗ୍ୟାପରେ ମାଟି ପକାଇବା ପାଇଁ ଠିକାଦାରଙ୍କୁ ଅନୁରୋଧ କରିଥିଲେ ଯେ ମଧ୍ୟଭାଗରେ ଖାଲ ରହିବା ଦ୍ୱାରା ଜୀବଯନ୍ତୁଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ। ଏଣୁ ବନ୍ଧ କାଟି ମାଟି ପକାଇବା କାର୍ଯ୍ୟର ସେ ନିଜେ ତଦନ୍ତ କରିବେ ବୋଲି କହିବା ସହ ବର୍ତ୍ତମାନ ପୂର୍ବପରି କେବଳ ବଳେଇ କାର୍ଯ୍ୟ ଚାଲୁ ରହିବ। ତେବେ ଏହି ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ସହ ସଠିକ ଭାଗ ମାପ ଓ କେନାଲ କଡରେ ମାଟି ପୋତେଇ ନକରି କାର୍ଯ୍ୟ କଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

● ଲୁହା ପାଇପ୍ ଚୋରି ଘଟଣା

## ଦୁଇ କୋର୍ଟ ଚାଲାଣ; ଟ୍ରାକ୍ଟର ଜବତ

ପାରାଦୀପ, ୧୯।୬(ସମିସ): ଲୁହା ପାଇପ ଚୋରି ଘଟଣାରେ ଆଦର୍ଶ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଅଞ୍ଚଳର ସମର ଦାସ (୨୪) ଓ କେଉଁଝରର ଅଞ୍ଚଳ ର ଲକ୍ଷ୍ମୀଧର ମହାନ୍ତି (୫୬)। ସେମାନଙ୍କ ସହିତ ଥିବା ଅନ୍ୟ ଦୁଇ ସହଯୋଗୀ ଫେରାର ହୋଇଯାଇଛନ୍ତି। ପୁଲିସ ସୂଚନା ମୁତାବକ ଗତ ରବିବାର ଭୋର ସମୟରେ ପୁଲିସ ତାରିଣୀଗଡ଼ା ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ଏକ ଟ୍ରାକ୍ଟର ଲୁହା ପାଇପ ଧରି ତାରିଣୀଗଡ଼ାରୁ ଦୋଛକି ଯାଉଥିଲା। ସନ୍ଦେହରେ ପୁଲିସ ଅଟକାଇ ପଚରାଉଚରା କରିବାରୁ ଏହାକୁ ରାଜା ନାମକ ଜଣେ କଣ୍ଟ୍ରାକ୍ଟର ନେଉଥିବା ଡ୍ରାଇଭର ପୁଲିସ ଆଗରେ କହିଥିଲା। ଟ୍ରାକ୍ଟରରେ ଡ୍ରାଇଭର ସମେତ ଦୁଇ ସହଯୋଗୀ ଥିଲେ। ତେବେ ପୁଲିସ ଏହି ଟ୍ରାକ୍ଟରକୁ ଥାନାକୁ ଆଣି ତଦନ୍ତ କରି ଏହା ଚୋରା ପାଇପ ବୋଲି ଜାଣିବା ସହିତ ଏହା ମାର୍ଶାଘାଇ ଯାଉଥିବା ଜଣାପଡ଼ିଛି।

## ସୋଲାର ଲାଇଟ୍ ଚୋରି; ଥାନାରେ ଅଭିଯୋଗ

ପାରାଦୀପ, ୧୯।୬(ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧିନ ଭୋସ୍କାଲିସ ପଏଣ୍ଟ ନିକଟ ଜେଏସଡବ୍ଲୁ ବାଉଣ୍ଡରୀ ସାଇଟ୍‌ରେ ଥିବା ସୋଲାର ଲାଇଟକୁ ଗତକାଲି ବିଳମ୍ବିତ ରାତିରେ ଦୁଇରୁ ତିନି ଜଣ ଦୁର୍ବୃତ୍ତ ଆସି ସେଠାରେ ଡ୍ୟୁଟିରେ ଥିବା ସିକ୍ୟୁରିଟିକୁ ଭୟଭୀତ କରାଇ ନେଇ ପଳାଇଥିଲେ। ଏ ସମ୍ପର୍କରେ ଜେଏସଡବ୍ଲୁର ସୁପରଭାଇଜର ସୁବାସ ଚନ୍ଦ୍ର ବେହେରା ଅଭୟଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଦୁର୍ବୃତ୍ତଙ୍କ ଗିରଫ ପାଇଁ ଉଦ୍ୟମ ଚଳାଇଛି।

## ଶିଳ୍ପ ମନ୍ତ୍ରୀଙ୍କୁ ବରିଷ୍ଠ ନାଗରିକଙ୍କ ସାକ୍ଷାତ



କୁଜଙ୍ଗ, ୧୯।୬(ସମିସ): ପାରାଦ୍ୱୀପର ନବ ନିର୍ବାଚିତ ବିଧାୟକ ତଥା ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ମନ୍ତ୍ରୀପଦ ପାଇବା ପରେ ନିଜ ନିର୍ବାଚନ ମଣ୍ଡଳି ଓ ନିଜ ଘରକୁ ପ୍ରଥମ ଥର ଗସ୍ତ କରିଛନ୍ତି। ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ସାକ୍ଷତ କରୁଥିବା ବେଳେ କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ତଥା କୁଜଙ୍ଗ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ରଜନୀକାନ୍ତ ଦାସ, ଶିଶୁବିଦ୍ୟାମନ୍ଦିର ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ସାମନ୍ତରା ପ୍ରମୁଖ ସୌଜନ୍ୟ ମୂଳକ ସାକ୍ଷାତ କରି ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ ସାମାଜିକ ତଥା ରାଜନୈତିକ ଜୀବନରେ ଥିବା ବେଳେ ଶିଶୁ ମନ୍ଦିର ସହିତ ଥିବା ସମ୍ପର୍କ ଓ ଅତିଥି ହୋଇ ଆସିବା ସମୟକୁ ମନେପକାଇବା ସହ କୁଜଙ୍ଗର ଏହି ପ୍ରମୁଖ ଶିକ୍ଷାନୁଷ୍ଠାନ ଅଭାବ ଅସୁବିଧା ବିଷୟରେ ଅବଗତ ହୋଇଥିଲେ। ଏହି ଅବସରେ ବରିଷ୍ଠ ନାଗରିକ ମଞ୍ଚର ନେତା ରଜନୀ ବାବୁ କୁଜଙ୍ଗର ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା, କୁଜଙ୍ଗରେ ଆଦର୍ଶ ଶୌଚାଳୟ ଓ ସନ୍ଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜଳୁନଥିବା ଷ୍ଟ୍ରିଟ୍ ଲାଇଟ୍ ବିଷୟରେ ଦୃଷ୍ଟି ଆକର୍ଷଣ କରିବା ସହ ବିଭିନ୍ନ ସମସ୍ୟା ନେଇ ଅବଗତ କରାଇଥିଲେ। ଏହି ଅବସରରେ ପାରାଦ୍ୱୀପ ଆଓସିଏଲ୍ ସହଯୋଗରେ ଏଠାରେ ଶୌଚାଳୟ ସ୍ଥାପନ ସହ ଲୋକଙ୍କ ମୌଳିକ ସମସ୍ୟା ସାମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଥିଲେ।

## ବିପର୍ଯ୍ୟୟ ପରିଚାଳନା ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ



ପାରାଦୀପ, ୧୯।୬(ସମିସ): ବାତ୍ୟା, ବନ୍ୟା, ରାସାୟନିକ ଗ୍ୟାସ ଲିକ୍ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନ ସାଧାରଣଙ୍କୁ କିଭଳି ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳକୁ ଅଣାଯାଇ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇପାରିବ ସେ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ ତାଲିମପ୍ରାପ୍ତ ସେଚ୍ଛାସେବୀମାନେ ଉଦ୍ଧାର ଓ ସୁରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଏଥିରେ ପାରାଦୀପଗଡ଼ ସରପଞ୍ଚ ସସ୍ମିତା ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଗ୍ରାମୀଣ ପାନୀୟ ଜଳ ଓ ପରିମଳ ବିଭାଗ, କୁଜଙ୍ଗର କନିଷ୍ଠ ଯନ୍ତ୍ରୀ ମାନସୀ ବେହେରା, ଏପିଓ କୁଜଙ୍ଗ ସ୍ୱପ୍ନାରାଣୀ ସାହୁ, ଆଇନଜୀବୀ ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ସୁରକ୍ଷା ସମ୍ପର୍କିତ ପରାମର୍ଶ ଦେଇଥିଲେ। ନୀମିଢ଼ି ବାତ୍ୟା ଆଶ୍ରୟ ସ୍ଥଳ ସମ୍ପାଦକ ମନୋଜ ସ୍ୱାଇଁ ଓ ପାରାଦୀପଗଡ଼ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଞ୍ଜନ ସାମଲ, ସନାତନ ମାଝୀ, ଶର୍ମିଷ୍ଠା ସ୍ୱାଇଁ, ସନ୍ଧ୍ୟାରାଣୀ ଦାସ, ଜୟନ୍ତ ସେନାପତି, ରଶ୍ମୀ ସିଂହ ଓ ଶ୍ରଦ୍ଧା ଏନ୍‌ଜିଓର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାଳତୀପ୍ରଭା ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ତିର୍ତ୍ତୋଲ, ୧୯।୬(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମାଲଣ୍ଡ ଗ୍ରାମର ସ୍ୱର୍ଗତ କାହ୍ନୁଚରଣ ବେହେରାଙ୍କ ପତ୍ନୀ ମାଳତୀପ୍ରଭା ଦେବୀଙ୍କ ଏକାଦଶାହ ଅବସରରେ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଝଙ୍କଡ ସାହିତ୍ୟ ସଂସଦ ସମ୍ପାଦକ ଝଙ୍କଡ ରତ୍ନ ଗୋଲୋକ ବିହାରୀ ପଲାଇ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଦିଗମ୍ବର ରାଉତ, ସମ୍ମାନିତ ଅତିଥି ଶିକ୍ଷାବିତ କ୍ଷୀରୋଦ ଚନ୍ଦ୍ର ମହାନ୍ତି, ସମାଜସେବୀ ଧ୍ରୁବଚନ୍ଦ୍ର ସେନାପତି, ନିରଞ୍ଜନ ନାୟକ, ମହେଶ ଚନ୍ଦ୍ର ନାୟକ, ଅଧ୍ୟାପକ ଧୀରେନ୍ଦ୍ର ନାୟକ, ଅମରଜ୍ୟୋତି ସାହୁ ପ୍ରମୁଖ ଯୋଗଦେଇ ମାଳତୀପ୍ରଭାଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମାଳତୀପ୍ରଭାଙ୍କ ସ୍ମୃତିରେ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜ୍ୟେଷ୍ଠପୁତ୍ର ସଚ୍ଚିଦାନନ୍ଦ, ପୁତ୍ର ସୁରେନ୍ଦ୍ର, ନରେନ୍ଦ୍ର, ଦିଲୀପ, ଅଭୟ, ବୋହୂ ଗୀତାଞ୍ଜଳି, ମୀରା, ନୟନା, ବନ୍ଦିତା, କନ୍ୟାକୁମାରୀଙ୍କ ସମେତ ପରିବାର ଓ ଆତ୍ମୀୟସ୍ୱଜନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ବ୍ୟବସାୟୀ ସଂଘ ସଭାପତିଙ୍କ ଦୋକାନକୁ ସରପଞ୍ଚଙ୍କ ଢେଲାମାଡ ଘଟଣା

## ସାମ୍ବାଦିକ ସମ୍ମିଳନୀ କରି ସୁରକ୍ଷା ମାଗିଲା ବଜାର କମିଟି

■ ୩ଦିନ ବିତିଲା କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ

ପାରାଦୀପ, ୧୯।୬(ସମିସ): ଗତ ରବିବାର ବିଳମ୍ବିତ ରାତିରେ ଭୁତମୁଣ୍ଡାଇ ସରପଞ୍ଚ ରୋହିତ ଜେନା କିଛି ଅସାମାଜିକ ଲୋକଙ୍କୁ ସାଙ୍ଗରେ ଧରି ଭୁତମୁଣ୍ଡାଇ ବଜାର କମିଟିର ସଭାପତି ସୁବାସ ଖଟେଇଙ୍କ ଦୋକାନ ଘର ଉପରକୁ ଢେଲା ମାରିବା ଓ ପରେ ତାଙ୍କ ଘର ପାଖକୁ ଯାଇ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେବା ନେଇ ସୁବାସ ଥାନାରେ ଅଭିଯୋଗ କରିଥିଲେ। ଏହିସବୁ କାର୍ଯ୍ୟକଳାପର ସିସିଟିଭିରେ କଏଦ ହୋଇଥିବା କହିବା ସହ ଏହାର ରେକର୍ଡିଂ ପୁଲିସକୁ ଦେଇଥିଲେ। ଅଭିଯୋଗକୁ ୩ଦିନ ବିତିଥିଲେ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି।

ଗତକାଲି ବଜାର ସଂଘ ବ୍ୟବସାୟୀମାନେ ଏକାଠି ହୋଇ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସଭାପତିଙ୍କୁ ସୁରକ୍ଷା ଦେବା ସହିତ ବଜାରକୁ ସୁରକ୍ଷା ଦେବା ନେଇ ଦାବି ଜଣାଇଛନ୍ତି। ବରିଷ୍ଠ ବ୍ୟବସାୟୀ ଟୁକୁନା ଚୌଧୁରୀଙ୍କ କହିବା ଅନୁଯାୟୀ ଜଣେ ଜନପ୍ରତିନିଧି ଭାବେ ଆମ୍ଭେ ୨୧ଟି ୱାର୍ଡର ଲୋକ ତାଙ୍କୁ ନେତା ବାଛିଥିଲୁ। ହେଲେ ସେ ନ୍ୟାୟ ଦେବା ବଦଳରେ ଅସାମାଜିକ ଲୋକଙ୍କୁ ଧରି ଜୁଲମ୍ କରୁଛନ୍ତି। ଦଳ ବଦଳ ପରେ ଆମକୁ ବିଭିନ୍ନ ଧମକ ଦେବା ସହ ଆମ ବଜାର କମିଟିର ସଭାପତିଙ୍କ ଉପରେ ଏଭଳି ଆକ୍ରୋଶମୂଳକ ରାଗ ରଖି ହଇରାଣ ହରକତ କରୁଛନ୍ତି। ଯଦି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ଭୁତମୁଣ୍ଡାଇ ବଜାର କମିଟି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

## କଣ୍ଟାବାଞ୍ଜି ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ ଦାବି



ବାଲିକୁଦା, ୧୯।୬(ସମିସ): କଣ୍ଟାବାଞ୍ଜିର ନବନିର୍ବାଚିତ ବିଧାୟକ ଲକ୍ଷ୍ମଣ ବାଗଙ୍କୁ ନୂତନ ମନ୍ତ୍ରୀମଣ୍ଡଳରେ ସାମିଲ୍ କରିବାକୁ ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ଓ ବାଲିକୁଦା ବ୍ଲକ ଯାଦବ ମହାସଭା ପକ୍ଷରୁ ଦାବି କରାଯାଇଛି। ଓଡ଼ିଶାରେ ଯାଦବମାନଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୨୦ ଭାଗରୁ ଅଧିକ ହୋଇଥିବାବେଳେ ଓଡ଼ିଶା ବିଧାନସଭାରେ ତଥା ମନ୍ତ୍ରୀମଣ୍ଡଳରେ ସେହିଭଳି ଅନୁପାତରେ ପ୍ରତିନିଧିତ୍ୱର ସୁଯୋଗ ମିଳୁନାହିଁ। ଚଳିତ ସାଧାରଣ ନିର୍ବାଚନରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଓଡ଼ିଶାର ୨୪ ବର୍ଷର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲକ୍ଷ୍ମଣ ବାଗ ପରାସ୍ତ କରିଥିଲେ ମଧ୍ୟ ତାଙ୍କୁ ମନ୍ତ୍ରୀମଣ୍ଡଳରେ ସୁଯୋଗ ମିଳିନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ଖୁବ୍‌ଶୀଘ୍ର ବିଧାୟକ ଲକ୍ଷ୍ମଣ ବାଗଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ୍ କରିବାକୁ ବାଲିକୁଦା ବ୍ଲକ ଯାଦବ ମହାସଭା ସଭାପତି ବାବାଜୀ ଚରଣ ଦାସ, ଉପସଭାପତି ଶରତ ଚନ୍ଦ୍ର ଦାସ, ସଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ ବାହାଲିଆ, ବିଷ୍ଣୁ ପ୍ରସାଦ ଦାସ, ଫକୀର ଚରଣ ଦାସ, ଚିତ୍ତରଞ୍ଜନ ଦାସ, ଜଗତସିଂହପୁର ଜିଲ୍ଲା ଯୁବ ଯାଦବ ମହାସଭାର ସଭାପତି ଆଇନଜୀବୀ ନରେଶ ଦାସ, ସମ୍ପାଦକ ସୁକାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ପ୍ରଣବ କୁମାର ଦାସ, ଉପଦେଷ୍ଟା ସୁବାସ ଚନ୍ଦ୍ର ବେହେରା, ଉପସଭାପତି ଶିବପ୍ରସାଦ ବେହେରା, ସୁନୀଲ୍ କୁମାର ମାଟିଆ, ମ୍ୟୁନିସିପାଲଟି ଯୁବ ଯାଦବ ନେତା ଆଶିଷ କୁମାର ମାଣିଆ, ବିରିଡ଼ି ବ୍ଲକ ସଭାପତି ଲକ୍ଷ୍ମୀଧର ବେହେରା, ସୁନୀଲ୍ ପରିଡ଼ା, ରଘୁନାଥପୁର ବ୍ଲକ ସଭାପତି ରବୀନ୍ଦ୍ରନାଥ ବେହେରା, ଭଞ୍ଜ କିଶୋର ବେହେରା, କମଳାକାନ୍ତ ପରିଡ଼ା, ତିର୍ତ୍ତୋଲ ବ୍ଲକ ଯାଦବ ନେତା ସନ୍ତୋଷ ଦାସ, ବାବୁଲି ଦାସ ପ୍ରମୁଖ ଦାବି କରିଛନ୍ତି।

## ଓସ୍‌ଡମା ତରଫରୁ ମକ୍‌ଡ୍ରିଲ୍




ପାରାଦୀପ, ୧୯।୬(ସମିସ): ପାରାଦୀପ ଉପକଣ୍ଠ ଢ଼ିଙ୍କିଆ ପଞ୍ଚାୟତର ଗୋବିନ୍ଦପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ବନ୍ୟା, ବାତ୍ୟା ଓ ସୁନାମି ଆଦି ଦୁର୍ବିପାକ ସମୟରେ କିଭଳି ପ୍ରସ୍ତୁତି ରହିବ ସେ ନେଇ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମକଡ୍ରିଲ୍‌ରେ ପ୍ରଶିକ୍ଷିତ ସ୍ୱେଚ୍ଛାସେବୀମାନେ କିପରି ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଉଦ୍ଧାର ସହ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବେ ତାର କୌଶଳ ଦେଖାଇଥିଲେ। ବ୍ଲକ ତରଫରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଯୋଜକ ହିସାବରେ ଯୋଗ ଦେଇଥିଲେ। ଓସଡମାର ନୋଡାଲ ଏନଜିଓ 'ଶ୍ରଦ୍ଧା'ର ପ୍ରତିନିଧି ସୁଶ୍ରୀ ବିଜୟା ପ୍ରିୟଦର୍ଶିନୀ ରାଉତ ଯୋଗଦେଇ ବିଭିନ୍ନ କୌଶଳ ଦେଖାଇବା ସହ ସଚେତନ କରାଇଥିଲେ। ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ସମ୍ପାଦକ ରଞ୍ଜନ ବର୍ଦ୍ଧନ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ମୁରବୀ, ୱାର୍ଡସଭ୍ୟ/ସଭ୍ୟା, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଏମ୍‌ବିକେ ସନ୍ଧ୍ୟାରାଣୀ ପାତ୍ର, ସିଆରପି ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସୁଶାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧର୍ମପ୍ରାଣା ମହିଳାଙ୍କୁ ଶ୍ରଦ୍ଧାଞ୍ଜଳି



କୁଜଙ୍ଗ, ୧୯।୬(ସମିସ): କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ସନ୍ତରା ଗ୍ରାମର କ୍ରୀଡା ଶିକ୍ଷକ ସ୍ୱର୍ଗତ ଶ୍ୟାମସୁନ୍ଦର ସାମନ୍ତରାୟଙ୍କ ଧର୍ମପତ୍ନୀ ନିର୍ମଳାପ୍ରଭା ସାମନ୍ତରାୟଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ଦୀନବନ୍ଧୁ ସେନାପତି, ପାରାଦ୍ୱୀପ ଟ୍ରକ୍ ମାଲିକ ସଂଘ ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ, ସମ୍ପାଦକ ରଞ୍ଜିତ ବେହେରା, ବାବାଜୀ ପୃଷ୍ଟି, ସତ୍ୟସାଇ ସେବା ସଂଗଠନ ଜଗତସିଂହପୁର ସଭାପତି ଦାମୋଦର ସ୍ୱାଇଁ, ବିଜେପି ନେତା ତପନ ତ୍ରିପାଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଡାକ୍ତର ବିପିନ ବିହାରୀ ସାମନ୍ତରାୟ, ଗ୍ରାମର ମୁରବୀ ନୀରଞ୍ଜନ ଜେନା, ଅଜୟ ପରିଡ଼ା, ଆଇନଜୀବୀ ସୁବୋଧ ସାମନ୍ତରାୟ, ନିରେନ୍ଦ୍ର ନାଥ ସାହୁ, ଆଲୋକ ସ୍ୱାଇଁଙ୍କ ସାଇ ପରିବାର ପକ୍ଷରୁ ସନ୍ତୋଷ ଦଳାଇ, ସୁବ୍ରତ ଶେଖର ବିଶ୍ୱାଳ, ମମତା ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

### ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ଅନୁଷ୍ଠିତ

# 'ଯୁବକଙ୍କ ଦକ୍ଷତା ବିକାଶ କରି ନୂତନ ରୋଜଗାର ପନ୍ଥା ସୃଷ୍ଟି କରାଯିବ'



ଜଗତସିଂହପୁର, ୧୯।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପିଏମ୍ କିଷାନ ଯୋଜନାର ୧୭ ତମ କିସ୍ତି ବଣ୍ଟନ କରାଯାଇଛି। ଉତ୍ତର ପ୍ରଦେଶର ବାରାଣାସୀଠାରେ ଏକ ଭବ୍ୟ ସମାରୋହରେ ପିଏମ୍ କିଷାନ ଦିବସ ଭାବେ ଏହି ଉତ୍ସବ ପାଳନ କରାଯାଇଛି। ସେହିପରି ରାଜ୍ୟରେ ବରଗଡ଼ ଜିଲ୍ଲାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମଗ୍ର ଓଡ଼ିଶାବାସୀଙ୍କୁ ସମ୍ବୋଧନ କରି ଲୋକାଭିମୁଖୀ ନୂତନ ସରକାର ସର୍ବଦା ଲୋକଙ୍କ ପାଇଁ କାମ କରିବ ବୋଲି କହିଥିଲେ। ସେହିପରି ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବରେ କାର୍ଯ୍ୟକ୍ରମରେ ରାଜ୍ୟର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକମାନଙ୍କୁ ଦେଶର ମେରୁଦଣ୍ଡ ବୋଲି କହିବା ସହିତ ସେମାନଙ୍କ ବିକାଶରେ ଏକ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି କହିଥିଲେ। ଜଗତସିଂହପୁର ଜିଲ୍ଲାର ଯୁବକ ମାନଙ୍କ ଉନ୍ନତି ପାଇଁ ସେମାନଙ୍କ ଦକ୍ଷତାର ବିକାଶକରାଯିବା ସହିତ ନୂଆ ରୋଜଗାରର ପନ୍ଥା ସୃଷ୍ଟି କରାଯିବ ବୋଲି କହିଥିଲେ। ଜିଲ୍ଲାରେ ଥିବା ବିସ୍ତୀର୍ଣ୍ଣ ବେଳାଭୂମି, ବନ୍ଦର, ପର୍ଯ୍ୟଟନ ସ୍ଥଳୀ, ଶିଳ୍ପର ବିକାଶ ସାଧନ କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜିଲ୍ଲା ପ୍ରଶାସନର ସହଯୋଗ କାମନା କରିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ କୃଷକମାନଙ୍କୁ ସଶକ୍ତ ରାଷ୍ଟ୍ର ଗଠନର ପୁରୋଧା ଭାବେ ସମ୍ବୋଧିତ କରିଥିଲେ। ଓଡ଼ିଶାର ଖଣିଜ ସମ୍ପଦ, ପ୍ରାକୃତିକ ସାଧନ ଆଦି ରେ ଥିବା ଉନ୍ନତ ସମ୍ଭାବନା କୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ସାଂସଦ କହିଥିଲେ। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଅନୁପମ ସାହା କହିଲେ, କୃଷକ କଲ୍ୟାଣ ଦ୍ୱାରା ଜିଲ୍ଲା ତଥା ରାଜ୍ୟ ଉନ୍ନତି ପଥରେ ଅଗ୍ରସର ହୋଇ ପାରିବ। ଜିଲ୍ଲାରେ ଆଜି ୧୫୦ ଜଣ କୃଷକଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସେମାନଙ୍କର ୧୭ ତମ କିସ୍ତି ହସ୍ତାନ୍ତର କରିଥିଲେ। ଜିଲ୍ଲାସ୍ତରୀୟ ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ତିର୍ତ୍ତୋଲ କୃଷି ଜିଲ୍ଲା ଅଧିକାରୀ ପୂର୍ଣ୍ଣେନ୍ଦୁ ଶେଖର ଆଚାର୍ଯ୍ୟ, ବ୍ଲକ କୃଷି ଅଧିକାରୀ ପ୍ରଭାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କଲେ ବ୍ଲକ ଅଧ୍ୟକ୍ଷ



**କଣିହାଁ, ୧୯।୬(ସମିସ):** କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ କାର୍ଯ୍ୟାଳୟ ପରିସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ ୧ ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ପ୍ରଧାନ ବୁଧବାର ସମ୍ବର୍ଦ୍ଧନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ବ୍ଲକରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଦୀପଶିଖା ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସୁଶ୍ରୀ ଦୀପିସିତା ପ୍ରଧାନ ଓ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ଦୁଇ ଜଣ ଛାତ୍ର ଓମ ପ୍ରକାସ ସାହୁ, ରତନଦୀପ ସାହୁଙ୍କ ସହିତ ପରିବାରବର୍ଗ ସାମିଲ ହୋଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଣିହାଁ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଅଭିଭାବକଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ବ୍ଲକ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଆଗାମୀ ଦୀନରେ ଶିକ୍ଷାରମାନ ବୃଦ୍ଧିକରିବା ସହିତ ଶିକ୍ଷା ଉପଯୋଗୀ ପୁସ୍ତକ ଓ ପାଠ୍ୟ ଉପକରଣ ଦେଇ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ମିଶ୍ର, ଅଭିଭାବକ ଦୁଃଶାସନ ପ୍ରଧାନ, ଫୁଲିଆ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

**ଛେଣ୍ଡିପଦା,୧୯।୬(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନାର ତହସିଲ ସମ୍ମୁଖରେ ଥିବା ଛକ ଉପରେ ବୁଧବାର ଭୋରରୁ ଏକ ଟ୍ରକ ଧକ୍କାରେ ପ୍ରାତଃ ଭ୍ରମଣ କରୁଥିବା ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମୃତ ଶିକ୍ଷକ ହେଲେ ଛେଣ୍ଡିପଦା ଗ୍ରାମର ଶ୍ରୀନିବାସ ସାହୁ(୭୦) । ଘଟଣାରୁ ଜଣାପଡିଛି ଯେ, ଛେଣ୍ଡିପଦା ଥାନା ଛକର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଶ୍ରୀନିବାସ ସାହୁ ଏକ ଛୋଟ ସାଇକଲରେ ଦୈନନ୍ଦିନ ପରି ସକାଳେ ପ୍ରାତଃ ଭ୍ରମଣରେ ଯାଇ ଘରକୁ ଫେରି ତହସିଲ ସମ୍ମୁଖ ତ୍ରିଛକି ଉପରେ ରାସ୍ତା ପାର୍ଶ୍ୱରେ ସାଇକଲ ଧରି ଛିଡ଼ା ହୋଇଥିଲେ। ସେହି ସମୟରେ ଏକ ଆଇରନ ବୋଝେଇ ଟ୍ରକ୍ ଛେଣ୍ଡିପଦା ଦିଗରୁ ଦ୍ରୁତ ଗତିରେ ଆସି ଜରପଡ଼ା ଦିଗକୁ ଯିବା ପାଇଁ ବୁଲାଣିରେ ବୁଲୁଥିବା ବେଳେ ଭାରସାମ୍ୟ ହରାଇ ଛକ ପାର୍ଶ୍ୱରେ ଛିଡ଼ାହୋଇଥିବା ଶିକ୍ଷକଙ୍କୁ ଧକ୍କା ଦେଇଥିଲା। ଏହି ଧକ୍କାରେ ଶ୍ରୀନିବାସ ତଳେ ସାଇକଲ ସହ ପଡ଼ିଯିବାରୁ ତାଙ୍କ ଡାହାଣ ଗୋଡ଼ରେ ଟ୍ରକର ଚକା ଚାଲିଯାଇଥିଲା । ଏଥିରେ ଡାହାଣ ଗୋଡ଼ଟି ଆଣ୍ଠୁ ତଳକୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ଗୁରୁତର ହୋଇଥିବା ବେଳେ ସାଇକଲଟି ଭାଙ୍ଗି ଯାଇଥିଲା । ସକାଳେ ସେହି ସ୍ଥାନଟି ନିଛାଟିଆ ଥିବାବେଳେ ସେଠାରେ ଉପସ୍ଥିତ ଥିବା ଓକିଲ ସଂଘର ସଭାପତି ସମାଜସେବୀ ନଗେନ ନନ୍ଦ ତୁରନ୍ତ ରୋଗୀବୃହା ଗାଡ଼ି ଡକାଇ ଗୁରୁତର ଶିକ୍ଷକଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। ଶିକ୍ଷକଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅନୁଗୋଳ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ କଟକ ପହଞ୍ଚିବା ପୂର୍ବରୁ ବାଟରେ ଗୁରୁତର ଶିକ୍ଷକଙ୍କର ମୃତ୍ୟୁ ହୋଇଥିଲା। ପରେ ଶବକୁ ଅନୁଗୋଳ ଆଣି ବ୍ୟବଚ୍ଛେଦ କରାଯାଇଥିଲା । ସେ ଜଣେ ଆଦର୍ଶ ଶିକ୍ଷକ ହୋଇଥିବାରୁ ତାଙ୍କର ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଛେଣ୍ଡିପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ବ୍ଲକ୍ ପିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା



**କିଶୋରନଗର, ୧୯।୬(ସମିସ):** କିଶୋରନଗର ବ୍ଲକ ସଭାଘର ଠାରେ ଆଜି ୨ଜଣ ଅବସର ଗ୍ରହଣ କରିଥିବା ପିଇଓ ଓ ଅନ୍ୟତ୍ର ବଦଳି ହୋଇଥିବା ପିଇଓଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବିଡିଓ ବିନୋଦ ବିହାରୀ ବେହେରା ଅଧ୍ୟକ୍ଷତା କରି ସମସ୍ତଙ୍କର ଉତ୍ତରୋତ୍ତର ମଙ୍ଗଳ କାମନା କରିଥିଲେ। ଏଥିରେ ଏବିଡିଓ ଦିଲ୍ଲୀପ ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀନ୍ତ୍ରୀ ଆଲୋକ ମିଶ୍ର, ଜିପିଡିଓ ସତ୍ୟପ୍ରିୟ ସାହୁ ଉପସ୍ଥିତ ଥିଲେ। ପିଇଓ ଲିଲି ସେଠୀ, ବ୍ରଜେନ୍ଦ୍ର ସେଠୀ, ପୁଷ୍ପିତା ପ୍ରଧାନ, ହୃଦାନନ୍ଦ ପ୍ରଧାନ, ମନୋଜ ସାହୁ, କୁମୁଦ ମାଝୀଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଏହି ବ୍ଲକକୁ ନୂତନ କରି ବଦଳି ହୋଇ ଆସିଥିବା ପିଇଓ ସୌଭାଗ୍ୟ ପ୍ରଧାନ ଓ ଅଭୟ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ଅବସର ଗ୍ରହଣ କରିଥିବା ପିଇଓ ପ୍ରମୋଦ ସାହୁଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ପିଇଓ, ଜିଆରଏସ୍, କନିଷ୍ଠ ଯନ୍ତ୍ରୀ ଓ ବ୍ଲକର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦକୁ ନେଇ ତୁମୁଳକାଣ୍ଡ

# ସରକାରୀ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ହିନ୍ଦୋଳ, ୧୯।୬(ସମିସ)**

ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ଓ ରାସ୍ତା ନିର୍ମାଣ ବନ୍ଦ ଯୋଗୁଁ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ୱାର୍ଡ ନଂ.୧୫ବାସୀଙ୍କ ସହ ଆଖପାଖ ୩ରୁ ୪ଟି ପଞ୍ଚାୟତବାସୀ ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲ ଓ ଏନଏସି କାର୍ଯ୍ୟାଳୟ ଘେରଉ କରିଛନ୍ତି। ବନ୍ଦ ରହିଛି ସରକାରୀ କାର୍ଯ୍ୟ, ଜନସାଧାରଣ ନାହିଁନଥିବା ହିନସ୍ତା ଭୋଗୁଛନ୍ତି। ଖବରରୁ ପ୍ରକାଶ ଯେ, ହିନ୍ଦୋଳ ଏନଏସିରୁ ଆରମ୍ଭ ହୋଇଥିବା ୱାର୍ଡ ନଂ. ୧୫ର ସିଙ୍କୋଳ, ଜାମ୍ବୁ ସାହି, ନୂଆସାହି, ବରଗୋଜ, କୁଳିଆତୋଟା ଓ ନୂଆପାଟଣା ଦେଇ ରାସୋଳ, ମାଧପୁର, ଇଲିରିସିଙ୍ଗା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାଟି ରାଜ୍ୟ ସରକାରଙ୍କ ଦ୍ୱାରା ୧୪କୋଟି ଟଙ୍କା ଅନୁମୋଦିତ ହୋଇ ଟେଣ୍ଡର ହୋଇ ରାସ୍ତା କାର୍ଯ୍ୟ ଚାଲୁଥିବା ବେଳେ ନିର୍ମାଣ ଆରମ୍ଭ ହେବା ବେଳଠାରୁ ବିନା କାରଣରେ ଆଲୁସିଂ ଗ୍ରାମ ନିକଟରେ କିଛି ବ୍ୟକ୍ତି ଏହାକୁ ବିରୋଧ କରୁଛନ୍ତି। ସ୍ଥାନୀୟ ଜନସାଧାରଣ ଗତ ୧୦ ତାରିଖରେ ୭ଦିନ ମଧ୍ୟରେ ସ୍ଥାୟୀ ସମାଧାନ ପାଇଁ ହିନ୍ଦୋଳ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହା ଅନୁଯାୟୀ ଉକ୍ତ ପାଞ୍ଚ ଗ୍ରାମକୁ ମୁଖ୍ୟ ରାସ୍ତାଠାରୁ ସଂଯୋଗ କରୁଥିବା ରାସ୍ତାଟି ଆରଡି ବିଭାଗ ଚଳିତବର୍ଷ ପିଡବ୍ଲୁଡି ବିଭାଗକୁ ହସ୍ତାନ୍ତର କରି ଚଳିତ ବର୍ଷ ରାସ୍ତା ନିର୍ମାଣ ପାଇଁ ମୁଖ୍ୟରାସ୍ତାଠାରୁ ୮କିମି ୭୦୦ ମିଟର ହିନ୍ଦୋଳ ଏନଏସି ମଧୁବନଠାରୁ ଆଲୁସିଂ ସ୍କୁଲ ଦେଇ ସିଙ୍କୋଳ ଗ୍ରାମ ପର୍ଯ୍ୟନ୍ତ ଟେଣ୍ଡର ହୋଇ ଜୈନିକ ଠିକାଦାର କାମଟି କରୁଛନ୍ତି। ମାତ୍ର ୧୫ନଂ.

### ● ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ

ୱାର୍ଡର ଆଲୁସିଂ ଗ୍ରାମଠାରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଗ୍ରାମର ମହିଳାମାନଙ୍କୁ ସାମ୍ନାରେ ରଖି ରାସ୍ତା ନିର୍ମାଣରେ ବାରମ୍ବାର ବାଧାସୃଷ୍ଟି କରି ରାସ୍ତା ନିର୍ମାଣ ବନ୍ଦ କରୁଛନ୍ତି। ଫଳରେ ହଜାରହଜାର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସେଠାରେ ସରକାରୀ ରେକର୍ଡ ସ୍ଥାନରେ ରାସ୍ତା ରହିଛି, ମାତ୍ର କିଛି ବ୍ୟକ୍ତି ଉକ୍ତ ସରକାରୀ ଜାଗା ହଡ଼ପ କରି ରଖିଛନ୍ତି ଓ





ପୂର୍ବରୁ ମଧ୍ୟ ହିନ୍ଦୋଳ ଏନଏସି ତରଫରୁ ବହୁଥର ଆଲୁସିଂ ଗ୍ରାମ ଠାରୁ ସ୍କୁଲଦେଇ ବରଗୋଜ, କୁଳିଆତୋଟା ଦେଇ ରାସ୍ତା ନିର୍ମାଣ ଉଦ୍ୟମ କରାଯାଇଥିଲେ ମଧ୍ୟ କିଛି ଖଳ ପ୍ରକୃତିର ଲୋକଙ୍କ ପ୍ରରୋଚନାରେ ବାରମ୍ବାର ରାସ୍ତା ନିର୍ମାଣରେ ଗଣ୍ଡଗୋଳ କରି ବାଧାସୃଷ୍ଟି କରିଆସୁଥିବାରୁ ରାସ୍ତାଟି ନିର୍ମାଣ ହୋଇପାରୁନାହିଁ। ରାସ୍ତା ପାଇଁ ଉକ୍ତ ଅଞ୍ଚଳ ଦେଇ ସରକାରୀ ରେକର୍ଡ ରାସ୍ତାକୁ ଅଞ୍ଚଳବାସୀଙ୍କ ଅଭିଯୋଗକୁ ଭିତ୍ତିକରି ହିନ୍ଦୋଳ ତହସିଲଦାରଙ୍କ ପକ୍ଷରୁ ରାସ୍ତା ମାପ ପାଇଁ କିଛିଦିନ ପୂର୍ବରୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସ୍ଥାନୀୟ ଆଲୁସିଂ ଗ୍ରାମର କିଛି ମହିଳା ଓ ପୁରୁଷ ଗଣ୍ଡଗୋଳ କରି ମାପକାର୍ଯ୍ୟ କରାଇ ଦେଉ ନଥିବା ଦେଖିବାକୁ ମିଳିଥିଲା। ଫଳରେ ପୂର୍ବ ଲିଖିତ ଅଭିଯୋଗ ଅନୁଯାୟୀ ଆଜି ଅସନ୍ତୁଷ୍ଟ ହିନ୍ଦୋଳ ଏନଏସି ୧୫ନଂ. ୱାର୍ଡ ଓ ମାଧପୁର, ଇଲିରିସିଙ୍ଗା ଓ ରସୋଳ ପଞ୍ଚାୟତର କ୍ଷତିଗ୍ରସ୍ତ ଶହଶହ ଜନସାଧାରଣ ହିନ୍ଦୋଳ ଉପଜିଲ୍ଲାପାଳ, ତହସିଲ ଓ ଏନଏସି ଅଫିସ ଘେରଉ କରିବା ସହ ଅବରୋଧ କରି ରଖିଛନ୍ତି। ଯାହା ଫଳରେ ତିନି ପ୍ରମୁଖ ଅଫିସ କାର୍ଯ୍ୟ ମନ୍ଦ ହୋଇଯାଇଛି। ଉପଜିଲ୍ଲାପାଳ, ତହସିଲଦାର ଓ ଏସଡିପିଓ ଆନ୍ଦୋଳନରତ ଜନସାଧାରଣଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରୁଥିଲେ ମଧ୍ୟ ଏପଟେ ଆନ୍ଦୋଳନରତ ନିରୀହ ଜନତା ମଧ୍ୟ ନିଜ ଜିଦରେ ଅଟଳ ରହି ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ, ଧାରଣା ଜାରିରଖିବାକୁ ଜିଦ ଧରି ବସି ସମସ୍ତ ଅଫିସ ବନ୍ଦକରି ବସି ରହିବେ ବୋଲି କହିଛନ୍ତି। ଏପଟେ ଉପଜିଲ୍ଲାପାଳ, ତହସିଲଦାର, ଏସଡିପିଓ ଆଜି ଅପରାହ୍ନରେ କିଛି କର୍ମଚାରୀଙ୍କ ସହ ବିବାଦୀୟ ସ୍ଥାନକୁ ସମାଧାନ ପାଇଁ ଯାଇଥିଲେ ମଧ୍ୟ ବିବାଦୀୟ ସ୍ଥାନର ସ୍ଥାନୀୟ ଆଲୁସିଂ ଗ୍ରାମବାସୀଙ୍କ ପୁନର୍ବାର ବିରୋଧ ଯୋଗୁ କୌଣସି ସମାଧାନ ହୋଇପାରି ନଥିବା ବେଳେ ଜନସାଧାରଣ ଆନ୍ଦୋଳନ ଜାରି ରଖିଥିବା ଦେଖିବାକୁ ମିଳିଛି। ପୂର୍ବରୁ ପ୍ରଶାସନର ସମାଧାନ ଉଦ୍ୟମ ଫେଲ ମାରିଥିବା ବେଳେ ଦେଖିବାକୁ ବାକି ରହିଲା ହିନ୍ଦୋଳ ପ୍ରଶାସନ ଏଥିପାଇଁ କ'ଣ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ହଜାର ହଜାର ଜନସାଧାରଣଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଛି ନା ତୁରନ୍ତ ସମାଧାନ ହେଉଛି, ତାହା ସମୟ କହିବ।

## ବିଜୁଳି ସର୍ଟ ସର୍କିଟ୍‌ରୁ ପାଞ୍ଚ ପରିବାରର ଘରପୋଡ଼ି ପାଉଁଶ

**ବଅଁରପାଳ, ୧୯।୬(ସମିସ):** ବଅଁରପାଳ ବ୍ଲକ ତହସିଲ ଅନ୍ତର୍ଗତ ଗଡ଼ ବୁଢ଼ାପଙ୍କ ଗ୍ରାମ ପଞ୍ଚାୟତ ନୂଆସାହିରେ ବିଜୁଳି ସଟ୍ ସର୍କିଟରୁ ପାଞ୍ଚ ପରିବାରଙ୍କ ଘର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର ଶିକାର ହୋଇଥିବା ପରିବାର ହେଲେ ସୁବାଷ ଗୁରୁ, ଲକ୍ଷ୍ମଣ ଗୁରୁ, ଅଳକା ଗୁରୁ, କଟୁ ଗୁରୁ, ରାଜା ଗୁରୁ। ଗ୍ରାମବାସୀଙ୍କ ସୂଚନା ମୁତାବକ ଦିନ ପ୍ରାୟ ୧ ଘଟିକା ସମୟରେ ପରିବାର ଲୋକେ ଶୋଇଥିବା ସମୟରେ ସୁବାଷ ଗୁରୁଙ୍କ ଘରେ ବିଜୁଳି ସଟ୍ ସର୍କିଟ ଘଟିଥିଲା। ଯାହାଦ୍ୱାରା ଘରେ ଅଗ୍ନିକାଣ୍ଡ ଘଟିଥିଲା। ଏହାର ଚତୁଃପାର୍ଶ୍ୱରେ ପାଞ୍ଚ ପରିବାରର ଚାଳ ଛପର ଘର ଥିବାରୁ ଅନ୍ୟ ଘର ଗୁଡିକ ନିଆଁ ସଂସ୍ପର୍ଶରେ ଆସି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ଜଣେ ଗୁରୁତର ହୋଇ ନିକଟସ୍ଥ ଚିକିତ୍ସିତ ହେଉଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଗ୍ରାମବାସୀ ବଅଁରପାଳ ଦମକଳବାହିନୀକୁ ଯୋଗାଯୋଗ କରିବା ପରେ



ଅଗ୍ନିଶମ ବିଭାଗ ପହଞ୍ଚି ଅଗ୍ନିକାଣ୍ଡକୁ ଆୟତ୍ତ କରିବା ମଧ୍ୟରେ ପାଞ୍ଚ ପରିବାରର ସମ୍ପୂର୍ଣ୍ଣ ଘର ପୋଡ଼ି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ସରପଞ୍ଚ ପ୍ରତିନିଧି, ସମିତିସଭ୍ୟ, ବିଜେପି କାର୍ଯ୍ୟକର୍ତ୍ତା ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ସାନ୍ତ୍ୱନା ଦେବା ସହ ପ୍ରସାଶନ ପକ୍ଷରୁ ସମସ୍ତ ପ୍ରକାର ସହାୟତା କିପରି ପାଇପାରିବେ, ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ଘଟଣାସ୍ଥଳରେ ବଅଁରପାଳ ଆରଆଇ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ପ୍ରସାଶନ ପକ୍ଷରୁ ପ୍ରାଥମିକ ସହାୟତା ପ୍ରଦାନ କରିଛନ୍ତି।

## ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଛେଣ୍ଡିପଦା,୧୯।୬(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ବରସାହି ଗ୍ରାମ ପଞ୍ଚାୟତର ମହାବନ୍ଧ ନିକଟରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି । ନିଖୋଜ ବୃଦ୍ଧ ଜଣଙ୍କ ବରସାହି ଗ୍ରାମପଞ୍ଚାୟତର ଅଧିକାରୀ ବେହେରା । ଘଟଣାରୁ ପ୍ରକାଶ ଯେ, ବରସାହି ଗ୍ରାମ ପଞ୍ଚାୟତର ଅଧିକାରୀ ବେହେରା ଭତ୍ତା ଟଙ୍କା ଉଠାଇବା ପାଇଁ ଗଡ଼ମଣ୍ଡଳ ଗ୍ରାମ୍ୟବ୍ୟାଙ୍କକୁ ମଙ୍ଗଳବାର ଯାଇଥିଲେ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ସନ୍ଧାନ ପାଇ ନଥିଲେ । ବୁଧବାର ଗାଈଚରାଳି ମହାବନ୍ଧ ନିକଟରେ ଏକ ମୃତଦେହ ପଡ଼ିଥିବା ଦେଖି ଗ୍ରାମରେ ଖବର ଦେଇଥିଲେ । ପରିବାର ଲୋକ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଶବକୁ ଚିହ୍ନଟ କରିଥିଲେ । ଏନେଇ ପରିବାର ଲୋକ ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଯୁବକଙ୍କୁ ହତ୍ୟା ଧମକ

**ବଇଣ୍ଡା, ୧୯ ।୬(ସମିସ):** ହଣ୍ଡପା ଥାନା ପାପସରା ଗ୍ରାମର ବଂଶୀଧର ବେହେରାଙ୍କୁ ସେହି ଗ୍ରାମର ବରୁଣ ସାହୁ, ଅରୁଣ ସାହୁ ମାଡ଼ମାରିବା ସହ ହତ୍ୟା ଧମକ ଦେଉଥିବା ବୁଧବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନମ୍ବର ୨୦୨/୨୪ ରେ ଏକ ମାମଲା ରୁଜୁ ହୋଇଛି। ପୁଲିସ କହିଛି ଯେ, ପାପସରା ଗ୍ରାମରେ ରଜ ଉତ୍ସବ ପାଳନ ହେଉଥିବା ବେଳେ ବରୁଣ ଆସି ଉପସ୍ଥିତ ଥିବା ଲୋକମାନଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ବଂଶୀଧର ପ୍ରତିବାଦ କରିବାରୁ ତାଙ୍କୁ ବରୁଣ ଓ ତାଙ୍କ ଭାଇ ଅରୁଣ ମାଡ଼ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

## କଦଳୀ ଫାଇବରରୁ ପ୍ରସ୍ତୁତି ସାନିଟାରୀ ପ୍ୟାଡ୍ ଉପରେ ସଚେତନତା

**ତାଳଚେର ସଦର, ୧୯ ।୬(ସମିସ):** ସ୍ୱେଚ୍ଛାସେବୀ ସଂଗଠନ ସୋସିଆଲ ଡେଭଲପମେଣ୍ଟ ଏବଂ ମାତା କେରଳ ତରଫରୁ କଦଳୀ ଫାଇବର୍ ପ୍ରସ୍ତୁତ ସାନିଟାରୀ ପ୍ୟାଡ୍ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ବୁଦ୍ଧଦେବ ଦାସ ସ୍ୱାଗତ ଭାଷଣ ପ୍ରଦାନ



କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମାତା ଅମୃତାମୟୀ ଟ୍ରଷ୍ଟ ଭୁବନେଶ୍ୱର ତରଫରୁ ଦେବପ୍ରସାଦ ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ସହ ମହିଳାମାନଙ୍କ ଋତୁସ୍ରାବରେ ସମସ୍ୟା ଓ ସ୍ୱଚ୍ଛତା ସହିତ କଦଳୀ ଫାଇବରରୁ ପ୍ରସ୍ତୁତ ସାନିଟାରୀ ପ୍ୟାଡ୍ ତଥା ପରିବେଶ ଅନୁକୂଳ କିପରି ସୃଷ୍ଟି ହୋଇପାରିବ ତା'ଉପରେ ମତାମତ ରଖିଥିଲେ। ଏହାକୁ ନେଇ ସଚେତନତା ବାର୍ତ୍ତା ସୃଷ୍ଟି କରିଥିଲେ। ସେହିପରି ଅନ୍ୟତମ ଅତିଥିଭାବେ ଅମ୍ରିତା ହସ୍ପିଟାଲ ଫରିଦାବାଦର ରେଜିଷ୍ଟ୍ରାର ତଥା ପ୍ରବୀଣ ବିଷ୍ଟ ଯୋଗଦେବା ସହ କଦଳୀ ଫାଇବରରୁ ପ୍ରସ୍ତୁତ ସାନିଟାରୀ ପ୍ୟାଡ୍ କିପରି ପରିବେଶ ଅନୁକୂଳ ତଥା ସର୍ବଭାରତୀୟ ସ୍ତରରେ ଆଦୃତ୍ତ ହୋଇପାରିଛି ଏବଂ ଏହାକୁ ଥରେ କିଣି ୩ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରିହେବ ତା' ଉପରେ ଅଂଶଗ୍ରହଣ କରିଥିବା ଗୋଷ୍ଠୀ ସାଧନ କର୍ମୀମାନଙ୍କୁ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ତରଫରୁ ମମତାରାଣୀ ବିଶିମାଝୀ, ମନୋଜ ସ୍ୱାଇଁ ଉପସ୍ଥିତ ଥିଲେ।

## କେନାଲ ରାସ୍ତାରେ ପଡ଼ିଛି ଏକ୍ସପାୟରୀ ଖାଦ୍ୟ ସାମଗ୍ରୀ



**ତାଳଚେର ସଦର ୧୯ ।୬(ସମିସ)**

ତାଳଚେର ଅଞ୍ଚଳର ଦୋକାନ ଗୁଡ଼ିକରେ ଏକ୍ସପାଏରୀ ଖାଦ୍ୟ ସାମଗ୍ରୀ ପ୍ୟାକେଟ୍ ଗୁଡ଼ିକ କେହି ତଦାରଖ କରୁ ନଥିବା ବେଳେ ଆଜି ତାଳଚେର ସହର ଦେଇ ଯାଇଥିବା ରେଙ୍ଗାଳୀ ଦକ୍ଷିଣ କେନାଲ ରୋଡ ବହ୍ଳର ଛକଠାରେ ଏହି ଖାଦ୍ୟ ସମାଗ୍ରୀ ଗଦା ହୋଇଥିବା ଦେଖିବାକୁ ମିଳିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏହି ସାମଗ୍ରୀ ଭିତରେ ଅଟା, ବିଭିନ୍ନ କିସମର ବିସ୍କୁଟ, ଚା'ପତି, ସର୍ଫ, ଲୁଣ, ଚାଓମିନ୍, ମାଗି ଇତ୍ୟାଦିର ପ୍ୟାକେଟ୍ ରହିଛି। ଏସବୁକୁ ଗୋରୁଗାଈ ଖାଉଥିବା ଦେଖିବାକୁ ମିଳିଛି। ତେବେ ଏହି ଏକ୍ସପାଏରୀ ଖାଦ୍ୟଗୁଡ଼ିକୁ ଗୋଟିଏ ସ୍ଥାନରେ ଗାତକରି ପୋତିଦେବା ପରିବର୍ତ୍ତେ କେଉଁ ଅସାଧୁ ବ୍ୟବସାୟୀ ଏହାକୁ ଖୋଲାମେଲାରେ ରାସ୍ତା କଡ଼ରେ ପକାଇ ଦେଇଛି, ଏହାର ତଦନ୍ତ ହେବା ଆବଶ୍ୟକ। ଏଥିପାଇଁ ସ୍ଥାନୀୟ ପ୍ରଶାସନର ନିଘା ରହୁ ନଥିବା ବେଳେ ଅସାଧୁ ବ୍ୟବସାୟୀମାନେ ଭିନ୍ନ ଭିନ୍ନ ଉପାୟରେ ଅଧିକ ଲାଭ ଆଶା ରଖି ଏହି ଏକ୍ସପାଏରୀ ସାମଗ୍ରୀ ଗ୍ରାହକମାନଙ୍କୁ ଯୋଗାଇ ଦେଇଥାନ୍ତି। ଯାହା ଫଳରେ କି, ଏହି ଏକ୍ସପାଏରୀ ଖାଦ୍ୟ ଖାଇ ପେଟ ରୋଗରେ ଲୋକମାନେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ତେଣୁ ଏଠାରେ କୁହାଯାଇପାରେ ଯେ, ସ୍ଥାନୀୟ ଫୁଡ ଇନ୍ସପେକ୍ଟରଙ୍କ ଅପାରଗତାକୁ ନେଇ ଆଜି ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଏକ୍ସପାଏରୀ ଖାଦ୍ୟଗୁଡ଼ିକୁ ଲୋଭର ବଶବର୍ତ୍ତି ହୋଇ କେହି ଖାଇଲେ ଅବସ୍ଥା କ'ଣ ହେବ, ତାହା କହିବା ମୁସ୍କିଲ।

■ ଔଷଧ ବଦଳାଇବାରୁ ଉତ୍ତେଜନା

## ରୋଗୀ ସମ୍ପର୍କୀୟ- ଔଷଧ ଦୋକାନୀ ପାଟିତୁଣ୍ଡ

**ଅନୁଗୋଳ, ୧୯। ୬(ସମିସ):** ଆଜି ସନ୍ଧ୍ୟାରେ ଅନୁଗୋଳ ଅମଳାପଡ଼ା ସ୍ଥିତ ଏକ ଔଷଧ ଦୋକାନୀ ଔଷଧ ବଦଳାଇ ଦେବାରୁ ରୋଗୀଙ୍କ ଦେହରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିଲା। ଏଥିନେଇ ରୋଗୀଙ୍କ ପରିବାର ସହ ଔଷଧ ଦୋକାନୀଙ୍କ ପ୍ରବଳ ପାଟିତୁଣ୍ଡ ସହ ଉତ୍ତେଜନା ଦେଖା ଦେଇଥିଲା। ଘଟଣାରୁ ପ୍ରକାଶ ଯେ, ହେମଶୁରପଡ଼ାର ଜଣେ ମହିଳା ଗର୍ଭବତୀ ଥିବାବେଳେ ଚେକ୍ ଅପ୍ ପାଇଁ ଡା. ଉମେଶ ଦାସଙ୍କ କ୍ଲିନିକକୁ ଆସିଥିଲେ। ଡାକ୍ତରଙ୍କ ପରାମର୍ଶ ମୁତାବକ ଔଷଧ ସେବନ ପରେ ମହିଳାଙ୍କ ହାତ ଫୁଲିଯାଇ କୁଣ୍ଡାଇ ହୋଇଥିଲା ଏବଂ ସେ ଅସୁସ୍ଥ ଅନୁଭବ କରିଥିଲେ। ଅନୁସନ୍ଧାନରୁ ଜଣାଗଲା କି, ଦୋକାନୀ ଗୋଟିଏ ଔଷଧ ବଦଳାଇ ଦେବାରୁ ଏଭଳି ରିଆକ୍ସନ୍



ହୋଇଛି। ସଂଗେ ସଂଗେ ଡାକ୍ତରଙ୍କୁ ଆଉ ଥରେ ଭେଟି ଉଚିତ୍ ଔଷଧ ଖାଇବା ପରେ ରୋଗୀଙ୍କ ଅବସ୍ଥା ସ୍ଥିର ହୋଇଥିଲା। ଏହି ଘଟଣାକୁ ନେଇ ରୋଗୀଙ୍କ ପରିବାର ଲୋକ ଦୋକାନୀକୁ ଔଷଧ କାହିଁକି ବଦଳାଇ ଦେଲ ବୋଲି ପଚାରିବାରୁ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଶେଷରେ ଡାକ୍ତରଙ୍କ ପ୍ରତିନିଧି ଆସି କଥାର ସମାଧାନ କରିଥିଲେ। ଅନୁଗୋଳରେ ଅନେକ ଔଷଧ ଦୋକାନୀ ଏଭଳି ରହିଛି, ଯେଉଁଠାରେ ଔଷଧର ଚିଠା ମୁତାବକ ନଦେଇ ମନଇଚ୍ଛା ଔଷଧ ଦେଉଥିବାରୁ ଅନେକ ଅଘଟଣ ଘଟୁଛି। ଏଭଳି କ୍ଷେତ୍ରରେ ରୋଗୀ ଔଷଧ କିଣିବା ପରେ ସମ୍ପୃକ୍ତ ଡାକ୍ତରଙ୍କୁ ସେହି ଔଷଧ ଦେଖାଇ ଖାଇବାକୁ ପରାମର୍ଶ ଦିଆଯାଇଛି। ଅନ୍ୟ ପକ୍ଷରେ ଔଷଧ ଦୋକାନୀ ବିନା ପ୍ରେସକ୍ରିପସନରେ ଔଷଧ ନ ଦେବାକୁ ପରାମର୍ଶ ଦିଆଯାଇଛି।

